ଧରିତ୍ରୀ
DHARITRI
December 28, 2025 - January 3, 2026 ₹ 2/-

ଧରିତ୍ରୀ 52 Years

ଛୁଟିଦିନ



# ଏକାକୀ କର୍ଣ୍ଣଧାର

୩

ପ୍ରଚ୍ଛଦ ପ୍ରସଙ୍ଗ

ଏମାନେ କାହାରି ସାହାଯ୍ୟ ଓ ସହଯୋଗକୁ ଅପେକ୍ଷା ନ କରି ଏକା ଏକା ସମାଜ ମଙ୍ଗଳ କାର୍ଯ୍ୟରେ ଲାଗିଛନ୍ତି। କିଏ ଶ୍ରୀହୀନ ହୋଇଯାଇଥିବା ପ୍ରକୃତିରେ ଜୀବନ ଭରିଛନ୍ତି ତ ଆଉ କିଏ ଅସହାୟ ମଣିଷଙ୍କ ସାହା ହୋଇଛନ୍ତି। ଆଉ ପ୍ରମାଣ କରିଛନ୍ତି ଯେ, ଜଣେ ନାରୀ ଚାହିଁଲେ ଏକୁଟିଆ ସମାଜରେ ପରିବର୍ତ୍ତନ ଆଣିପାରେ..

# ନୂଆବର୍ଷ ପାଇଁ ବାସ୍ତୁ ଟିପ୍ସ

**ନୂଆବର୍ଷରେ କେବଳ ତାରିଖ ବଦଳେନି, ଏହା ପ୍ରତ୍ୟେକଙ୍କ ଜୀବନରେ ଏକ ନୂଆ ଆରମ୍ଭ, ନୂଆ ଉଦ୍ଦିପନା ନେଇକି ଆସେ। ତେଣୁ ଏହାକୁ ସ୍ୱାଗତ କରିବାକୁ ଘରେ ଘରେ ବିଭିନ୍ନ ଆୟୋଜନ ହୁଏ। ଆଉ ଏହି ଆୟୋଜନ ଯଦି ବାସ୍ତୁ ଅନୁଯାୟୀ ହୁଏ, ତା'ହେଲେ ଶୁଭଫଳ ମିଳେ ବୋଲି ବିଶ୍ୱାସ ରହିଛି...**

* ନୂଆବର୍ଷ ପାଇଁ ଘରର ପ୍ରବେଶ ଦ୍ୱାରକୁ ସଫାସୁତୁରା ରଖିବେ। ଏହି



ପଥ ଦେଇ ଘରକୁ ସକରାତ୍ମକ କିମ୍ବା ନକରାତ୍ମକ ଉର୍ଜ୍ଜା ପ୍ରବେଶ କରେ। ତେଣୁ ମୁଖ୍ୟଦ୍ୱାର ନିକଟରେ ଚପଲ, ଭଙ୍ଗାରୁଜା ଜିନିଷ, ସୁଖି ଯାଇଥିବା ଗଛଲତା ନରଖି ବରଂ ଶୁଭ କଳସଟିଏ ଥୋଇ ପ୍ରତିଦିନ ଦୀପ ଜାଳିଲେ ସୁଖଶାନ୍ତି ବଢ଼େ ବୋଲି ବିଶ୍ୱାସ କରାଯାଏ।
* ନୂଆବର୍ଷ ପୂର୍ବରୁ ବ୍ୟବହୃତ ହେଉ ନଥିବା ଭଙ୍ଗାରୁଜା ଆସବାବପତ୍ର, ଖରାପ ଇଲେକ୍ଟ୍ରୋନିକ୍ସ ଜିନିଷ, ଚିରା ଲୁଗାପଟାକୁ ଫୋପାଡିଦେବା ଭଲ। ଏସବୁ ଘର ଅସନା କରିବା ସହ ନକରାତ୍ମକ ଉର୍ଜ୍ଜାକୁ ପ୍ରଶ୍ରୟ ଦିଏ। ତେଣୁ ସମୟ ଥାଉ ଥାଉ ଏହାକୁ ସଫା କରିଦେବା ଉତ୍ତମ।
* ଠାକୁରଘରକୁ ପରିଷ୍କାର କରି ସେଠାରେ ଦୀପ ଓ ସୁଗନ୍ଧିତ ଧୂପ ଜାଳିଲେ ଘରର ବାତାବରଣ ଶୁଦ୍ଧ ହୁଏ, ମାନସିକ ଶାନ୍ତି ମିଳେ।
* ଘରର କବାଟ, ଝରକାକୁ ସଫା ରଖିବା ସହ ଘର ମଧ୍ୟକୁ ସୂର୍ଯ୍ୟକିରଣ କିପରି ପଡିପାରିବ, ସେ ବ୍ୟବସ୍ଥା କରାଇବା ଦରକାର। ଘର ଯେତେ ଖୋଲାଖୋଲା, ଆଲୋକମୟ ରହିବ ସକରାତ୍ମକ ଉର୍ଜ୍ଜା ସେତେ ବୃଦ୍ଧି ପାଇବ।
* ଇଣ୍ଡୋରପ୍ଲାଣ୍ଟ ଶୁଖି ଯାଇଥିଲେ, ତାକୁ ଫୋପାଡି ସେ ସ୍ଥାନରେ ନୂଆ ସତେଜ ଗଛ ଲଗାଇଲେ ଘରେ ସୁଖସମୃଦ୍ଧି ବୃଦ୍ଧିପାଏ ବୋଲି ବିଶ୍ୱାସ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୮, ୨୦୨୫- ଜାନୁଆରୀ ୦୩, ୨୦୨୬

**ମେଷ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟରୁ ଆଶ୍ୱସ୍ତି, ନୂତନକର୍ମାରମ୍ଭରୁ ଆନନ୍ଦ, ସାହିତ୍ୟକୃତିରୁ ପ୍ରଶଂସା, ବନ୍ଧୁ ସମ୍ପର୍କ ସ୍ଥାପନ, ବ୍ୟବସାୟିକ ସଫଳତା, ବାଣିଜ୍ୟରେ ପ୍ରତିବନ୍ଧକ, କର୍ମକ୍ଷେତ୍ରରେ ସମସ୍ୟା, ପବ୍ଲିକେଶନରେ ସଫଳତା ॥

**ବୃଷ**
କର୍ମକ୍ଷେତ୍ରରେ ଦକ୍ଷତା, ପଦମର୍ଯ୍ୟାଦା ବୃଦ୍ଧି, କାରବାରରେ ଅଗ୍ରଗତି, ବିଦେଶଗସ୍ତର ଯୋଜନା, ନୀଚଜନ ସମ୍ପର୍କରୁ ନିନ୍ଦା, ବନ୍ଧୁମାନଙ୍କ ସୌହାର୍ଦ୍ଦ୍ୟ, ଆନୁଷ୍ଠାନିକ କାର୍ଯ୍ୟ, ମନୋରଞ୍ଜନର ମଉକା ॥

**ମିଥୁନ**
ନୂତନ ଯୋଜନାରମ୍ଭ, ବନ୍ଧୁସମ୍ପର୍କରେ ଅଗ୍ରଗତି, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ପ୍ଲଟିଙ୍ଗ ବ୍ୟବସାୟରେ ଉନ୍ନତି, ଯାନବାହାନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, କଚେରୀ ମାମଲାରେ ହନ୍ତସନ୍ତ, ପରିସ୍ଥିତିକୁ ସୁଧାରି ନେବେ, ଯାତ୍ରାରେ ପ୍ରତିବନ୍ଧକ, ଧର୍ମକାର୍ଯ୍ୟ କରିବେ ॥

**କର୍କଟ**
ଲକ୍ଷ୍ୟହାସଲ କରିବେ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, କର୍ମକ୍ଷେତ୍ରରେ ଅସ୍ଥିରତା, କଳାସଂସ୍କୃତିର ଆଦର, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପରିସ୍ଥିତି ବଦଳିଯିବ ॥

**ସିଂହ**
ସହକର୍ମୀଙ୍କ ବଦାନ୍ୟତା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ବନ୍ଧୁଙ୍କ କଟୁକ୍ତି, ମନସ୍ତାପ କରିପାରନ୍ତି, ଶେୟାର ବଜାରରେ ଉନ୍ନତି, ଦୁଃଶ୍ଚିନ୍ତା ଦୂର ହେବ, ପୈତୃକ ସମ୍ପତିରେ ଟଣା ଓଟରା, ସାଂସ୍କୃତିକ କାର୍ଯ୍ୟରେ ସହଯୋଗ ॥

**କନ୍ୟା**
କର୍ମବିମୁଖତାରୁ କାର୍ଯ୍ୟହାନୀ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ, ଅବସାଦଯୁକ୍ତ ହେବେ, ଉଚ୍ଚସମ୍ମାନ ପାଇବେ, ପରୋପକାରରୁ ପ୍ରଶଂସା, ପୁରୁଣାରୋଗରୁ ପୀଡା, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣରେ ଦ୍ୱନ୍ଦ୍ୱ ॥

**ତୁଳା**
ସମସ୍ୟା ଅପସରି ଯିବ, ମନରେ ନୂତନ ଉତ୍ସାହ, ସଭାସମିତିକୁ ଆହ୍ୱାନ, ସମ୍ପର୍କୀୟଙ୍କ ଅନୁକମ୍ପା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପାରିବାରିକ କଳହ, ବନ୍ଧୁଙ୍କ ଉଦ୍‌ବେଗ, ସାହିତ୍ୟକୃତିରୁ ପ୍ରଶଂସା, ଅର୍ଥନୈତିକ ସମସ୍ୟା ॥

**ବିଛା**
ଶାରୀରିକ ସୁସ୍ଥତା, ମାନସିକ ଅସ୍ଥିରତା, ବୈଷୟିକ ଅଭିବୃଦ୍ଧି, ରାଜନୈତିକ ପୃଷ୍ଠପୋଷକତା, ସରକାରୀ ସହାୟତା, ପ୍ରତୀକ୍ଷାର ଅନ୍ତ ଘଟିବ, ଆନୁଷ୍ଠାନିକ ସମ୍ମାନ ପାଇବେ, ଅଧ୍ୟୟନରେ ଏକାଗ୍ରତା, ସହକର୍ମୀଙ୍କ ବିରୋଧ, ନୀଚ ସଙ୍ଗରୁ ସମସ୍ୟା ॥

**ଧନୁ**
ଅନୁକୂଳ ବାତାବରଣ, ଅର୍ଥନୈତିକ ଅଭିବୃଦ୍ଧି, ପାରିବାରିକ ସୁବୁଝାମଣା, ଜୀବନ ପ୍ରୀତିପ୍ରଦ ରହିବ, ରଚନାତ୍ମକ କାର୍ଯ୍ୟାରମ୍ଭ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପ୍ରତିବନ୍ଧକ ଦୂର ହେବ, ଭ୍ରମଣଜନିତ କ୍ଳାନ୍ତି ॥

**ମକର**
ବ୍ୟକ୍ତିତ୍ୱର ପରିପ୍ରକାଶ, ବୁଦ୍ଧିଜିବୀଙ୍କ ପ୍ରଶଂସା, ନୂତନ ପ୍ରକଳ୍ପାରମ୍ଭ, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ବନ୍ଧୁଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ବିତର୍କ, ଆର୍ଥିକ ଦୂରବସ୍ଥା, କଚେରୀ ମାମଲାରେ ବାଇଦା, ବନ୍ଧୁପ୍ରସ୍ତାବ ଆସିପାରେ, ପୁରାତନ ରୋଗର ପ୍ରାଦୁର୍ଭାବ ॥

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ପାରିବାରିକ ସହମତି, ସମୟୋପଯୋଗୀ ପଦକ୍ଷେପ, ପରିସ୍ଥିତି ବଦଳିଯିବ, ମୂଲ୍ୟବାନ ଜିନିଷ କ୍ରୟ, ସନ୍ତାନଙ୍କ କୃତି ଓ କୃତିତ୍ୱ, ଜମିଜମା କାରବାର, ଋଣ ଭାରରେ ଅତିଷ୍ଠ, ବିବାଦର ସମାଧାନ ॥

**ମୀନ**
ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଆନୁସଙ୍ଗିକ ସାହାଯ୍ୟପ୍ରାପ୍ତି, ମନୋରଞ୍ଜନର ସୁଯୋଗ, ପରିଜନ ସହ ଭ୍ରମଣ, ବକେୟା ଅର୍ଥପ୍ରାପ୍ତି, ଅପ୍ରିୟଭାଷଣରୁ ସମ୍ପର୍କହାନୀ, ନୂତନ ବ୍ୟବସାୟାରମ୍ଭ, ସତ୍‌ସଙ୍ଗର ମଉକା, ଧର୍ମକାର୍ଯ୍ୟ କରିବେ, ପାରିବାରିକ ଖର୍ଚ୍ଚବୃଦ୍ଧି ॥

# ନୂଆବର୍ଷରେ କ'ଣ କିଣିବା ଶୁଭ

**ଆ**ବଶ୍ୟକତା ପଡିଲେ ଆମେ କିଛି ଜିନିଷ କିଣୁ; ଯାହାକି ଏକ ସାଧାରଣ କଥା। ତେବେ ଏମିତି ବି କିଛି ବିଶେଷ ଜିନିଷ ରହିଛି; ଯାହାର ଆବଶ୍ୟକତା ଥାଉ କି ନଥାଉ ନୂଆବର୍ଷ ଅବସରରେ କିଣିଲେ ଘର ପାଇଁ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି: * ନୂଆବର୍ଷ ଦିନ ଘରେ ପ୍ରଭୁ ଗଣେଶ ଓ ମାତା ଲକ୍ଷ୍ମୀଙ୍କ ନୂଆ ଫଟୋ ହେଉକି ମୂର୍ତ୍ତି ସ୍ଥାପନା କରିବା ଅତ୍ୟନ୍ତ ଶୁଭ ହୋଇଥାଏ। *ରୂପା କଏନ୍, ଶ୍ରୀ ଯନ୍ତ୍ର ଅଥବା ହାତୀ ପ୍ରତିମାକୁ ବି ନୂଆବର୍ଷରେ କିଣା ଯାଇପାରେ। କୁହାଯାଏ, ଏସବୁ ଜିନିଷ ମାତା ଲକ୍ଷ୍ମୀଙ୍କର ଖୁବ୍ ପ୍ରିୟ। ତେଣୁ ନୂଆବର୍ଷ ଅବସରରେ ପବିତ୍ର ମନରେ



ଯଦି ଏଥିରୁ ଗୋଟିଏ ବି ଜିନିଷ ଘରକୁ କିଣିକି ଅଣାଯାଏ, ତା'ହେଲେ ମାତା ଲକ୍ଷ୍ମୀଙ୍କର କୃପା ଲାଭ ହେବା ସହ ଘରର ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ। * ନଡ଼ିଆ ହେଉଛି ଏକ ଶୁଭ ଫଳ, ଏହାକୁ ନୂଆବର୍ଷରେ କିଣିଲେ ଘରେ କେବେ ବି ଅଭାବ ଦେଖାଯାଏନି ବୋଲି ବିଶ୍ୱାସ କରାଯାଏ। * କାମଧେନୁ ଗାଈର ମୂର୍ତ୍ତିକୁ ନୂଆବର୍ଷ ଦିନ କିଣିଲେ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇବା ସହ ସକରାତ୍ମକ ଉର୍ଜ୍ଜା ବଢ଼େ ବୋଲି ମାନ୍ୟତା ରହିଛି। * ଶଙ୍ଖ, ଗୋଟା ହଳଦୀ, ଓ କଉଡ଼ି ଘର ପାଇଁ ଶୁଭ ହୋଇଥାଏ। ଏହାକୁ ନୂଆବର୍ଷରେ କିଣି ଘରକୁ ଆଣିଲେ ମାତୃକୃପା ଲାଭ ହୁଏ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

* ମା' ଓ ସନ୍ତାନର ଭଲପାଇବା ସବୁଠାରୁ ଉର୍ଦ୍ଧ୍ୱରେ। ଏହାର କୌଣସି ବିକଳ୍ପ ନାହିଁ। କିନ୍ତୁ ଏଠାରେ ଏମିତି କେତେଜଣ ମା' ଓ ସନ୍ତାନଙ୍କ କଥା ଉଲ୍ଲେଖ ରହିଛି, ଯେଉଁମାନେ ପରସ୍ପରଠାରୁ ଦୂରେଇ ଯାଇ ଖୁବ୍ ଝୁରି ହୋଇଛନ୍ତି। ଆଉ ନିଜକୁ ସାନ୍ତ୍ୱନା ଦେବା ପାଇଁ ବିକଳ୍ପ ଭାବରେ କେତେବେଳେ ଫଟୋ ତ କେତେବେଳେ ଯନ୍ତ୍ରର ସାହାରା ନେଇ କହିଛନ୍ତି ମୁଁ ଅଛି ତୋ' ପାଖେ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗଟି ଭାରୀ ସୁନ୍ଦର ହୋଇଥିଲା।

*– ରୁପଶ୍ରୀ ସାହୁ, ଭବାନୀପାଟଣା*

* 'ମୁଁ ଅଛି ତୋ'ପାଖେ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଲାଗୁଥିଲା ପଢିବାକୁ। 'ଖାଦ୍ୟ ଦେବ ଉଷ୍ମତା', 'ଶୀତଦିନ ପାଇଁ ଲବଙ୍ଗ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। 'ସେଲିବ୍ରିଟିଙ୍କ ପରି ହେବା ନିଶାରେ' ପାଠଟି ବି ଖୁବ୍ ସୁନ୍ଦର ଥିଲା। 'ସ୍ୱରର ନୂଆ ସମ୍ଭାବନା ସତ୍ୟବ୍ରତ' ଶୀର୍ଷକ ପାଠଟି ମଧ୍ୟ ପ୍ରେରଣାଦାୟୀ ହୋଇଥିଲା।

*– ନିଳାଖୀ ପଟ୍ଟନାୟକ, କେନ୍ଦୁଝର*

* ସୃଜନ ପୃଷ୍ଠାରେ ସ୍ଥାନିତ 'ନାମହୀନ ପ୍ରଜାପତି' ଶୀର୍ଷକ ଗପଟି ହୃଦୟଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଅପେକ୍ଷା କରିଛନ୍ତି ବାଣୀ', 'ସାରାଙ୍କ ନୀରବତା', 'ଟିପ୍ସ ବାଣ୍ଟୁଛନ୍ତି ଜ୍ୟାକଲିନ୍' ଆଦି ପାଠର ଉପସ୍ଥାପନା ଶୈଳୀ ମଜାଦାର୍ ହୋଇଥିଲା। ଲେଖିକା କ୍ଷେତ୍ରବାସିନୀ ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା।

*– ପ୍ରହ୍ଲାଦ ପଲେଇ, କଟକ*

* 'କଳା ମତେ ବାଟ ଦେଖାଇଛି', 'ସ୍ୱାବଲମ୍ବୀ କରିଛି ଚାନ୍ଦୁଆ' ଆଦି ପାଠଗୁଡ଼ିକ ଖୁବ୍ ମନଛୁଆଁ ହୋଇଥିଲା। 'ବାରବାଟି ଦୁର୍ଗ' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ସହର ପୃଷ୍ଠାରୁ 'ପାହାଡ଼ି ଗାଁ ମୁକ୍ତେଶ୍ୱର' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। 'ସ୍ୱପ୍ନରେ ପଡ଼ିଗଲା ଭଳି କାହିଁକି ଲାଗେ' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ଥିଲା।

*– ସଞ୍ଜୁକ୍ତା ସେଠୀ, ବ୍ରହ୍ମପୁର*

* ଏଥରର ବ୍ୟଙ୍ଗ 'ଭଦ୍ର–ଚୋର ଭାରି ଭଲ' ଶୀର୍ଷକ ପାଠଟି ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଚକ ପାଲଟୁଛି ଏଲ୍‌ଇଡି ସ୍କ୍ରିନ୍', 'ଏତେ ଲମ୍ବା ଜିଭ!', 'ଭାଓଲିନ ବଜାଉଛି ରୋବୋ' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ପ୍ରଭାବତୀ ବାରିକ, ଚନ୍ଦନପୁର*




### ବିଶେଷ ଚିଠି

ମୁଁ ଅଛି ତୋ' ପାଖେ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା'ସାଙ୍ଗକୁ ଭାରୀ ଭଲ ଥିଲା
ତୁମ ବ୍ୟକ୍ତିତ୍ୱର ଗାଥା,
ମନ କିଣି ନେଉଥିଲା ପୁଣି
ତୁମ ସୃଜନର କବିତା।
ସତରେ ହେ ପ୍ରିୟ ଛୁଟିଦିନ
ତୁମର ପ୍ରତିଟି ପୃଷ୍ଠା ଲାଗେ
ଭାରୀ ସୁନ୍ଦର, ଭାରୀ ନୂତନ।

*– ପ୍ରଜ୍ଞାଶ୍ରୀ ମିଶ୍ର, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ଏକାକୀ କର୍ଣ୍ଣଧାର

ଏମାନେ କାହାରି ସାହାଯ୍ୟ ଓ ସହଯୋଗକୁ ଅପେକ୍ଷା ନ କରି ଏକା ଏକା ସମାଜ ମଙ୍ଗଳ କାର୍ଯ୍ୟରେ ଲାଗିଛନ୍ତି। କିଏ ଶ୍ରୀହୀନ ହୋଇଯାଇଥିବା ପ୍ରକୃତିରେ ଜୀବନ ଭରିଛନ୍ତି ତ ଆଉ କିଏ ଅସହାୟ ମଣିଷଙ୍କ ସାହା ହୋଇଛନ୍ତି। ଆଉ ପ୍ରମାଣ କରିଛନ୍ତି ଯେ, ଜଣେ ନାରୀ ଚାହିଁଲେ ଏକୁଟିଆ ସମାଜରେ ପରିବର୍ତ୍ତନ ଆଣିପାରେ..


ଜୟଶ୍ରୀ ଭେଙ୍କଟେସନ୍



**କା**ହାରି ସାହାଯ୍ୟ ଓ ସହଯୋଗକୁ ଏମାନେ ଅପେକ୍ଷା କରି ନାହାନ୍ତି। ଏକା ଏକା ହିଁ ଘରୁ ଗୋଡ଼ କାଢ଼ି କରି ଚାଲିଛନ୍ତି ସମାଜ ମଙ୍ଗଳ କାର୍ଯ୍ୟ । କିଏ ଶ୍ରୀହୀନ ହୋଇଯାଇଥିବା ପ୍ରକୃତିରେ ଜୀବନ ଭରିଛନ୍ତି ତ ଆଉ କିଏ ଅସହାୟ ମଣିଷଙ୍କ ଜୀବନ ନାଟିକା ସାଜିଛନ୍ତି। ଆଉ ପ୍ରମାଣ କରିଛନ୍ତି ଯେ, ଜଣେ ନାରୀ ଚାହିଁଲେ ଏକୁଟିଆ କର୍ଣ୍ଣଧାର ସାଜି ସମାଜରେ ପରିବର୍ତ୍ତନ ଆଣିପାରେ।

**ଗଛ ମା' ସାଲୁମରଦା ଥିମକ୍କା:** ଦିନେ କୋଳରେ ଛୁଆଟିଏ ନ ଥିଲା ବୋଲି କର୍ନାଟକର ସାଲୁମରଦା ଥିମକ୍କାଙ୍କ ମନରେ ଥିଲା ଅକୁହା ବେଦନା। ସମାଜ ଓ ପରିବାର ତାଙ୍କୁ ବନ୍ଧ୍ୟା କହି ଦେଉଥିଲା ନାନା ଗଞ୍ଜଣା। ଅଶିକ୍ଷିତ ଶ୍ରମିକ ପରିବାରର ଆଲା ମରଦା ଥିମକ୍କା ଆଦୌ ଶିକ୍ଷା ଗ୍ରହଣ କରି ନଥିଲେ। ଜଣେ ଶ୍ରମିକଭାବେ କାମ କରୁଥିଲେ। ପରେ ରାମନଗର ଜିଲା, ହୁଲିକାଲ ଗାଁର ଜଣେ ଗରିବ ଶ୍ରମିକ ଚିକଇଆଙ୍କ ସହ ତାଙ୍କର ବିବାହ ହୁଏ। ହେଲେ ବିବାହର ଅନେକ ବର୍ଷ ବିତିଗଲା ପରେ ବି ସେମାନଙ୍କର ସନ୍ତାନ ହେଲା ନାହିଁ। ଦୀର୍ଘ ୨୫ ବର୍ଷର ସନ୍ତାନହୀନତାର ଏହି କଷ୍ଟରୁ ବାହାରିବା ଲାଗି ଶେଷରେ ସେ ଏକ ଅଭିନବ ଉପାୟ ଆପଣେଇଲେ। ନିଃସନ୍ତାନ ସାଲୁମରଦା ଶହ ଶହ ବରଗଛ ଲଗାଇଲେ। ଖାଲି ଗଛ ଲଗାଇଲେ ନାହିଁ, ବରଂ ନିୟମିତ ପାଣି ଦେବା ସହ ଗଛଗୁଡ଼ିକର ନିଜ ଛୁଆ ଭଳି ଯତ୍ନ ନେଲେ। ହୁଲିକାଲଠାରୁ କୁଦୁର ପର୍ଯ୍ୟନ୍ତ ପ୍ରାୟ ୪.୫ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଥିମକ୍କା ୩୮୫ଟି ବରଗଛ ସହ ୮୦୦୦ଟି ଭିନ୍ନ ଭିନ୍ନ ଗଛ ଲଗାଇଲେ। ସେଗୁଡ଼ିକ ଯେମିତି ଭଲଭାବେ ବଢ଼ିବ, ଗୋଟିଏ ବି ଗଛ ମରିବ ନାହିଁ ସେଥିଲାଗି ସାଲୁମରଦା ଚାରି କି.ମି.ର ରାସ୍ତାରେ ଲଗାଇଥିବା ଗଛକୁ ନିୟମିତ ପାଣି ଦେବା ଲାଗି ୩-୪ ଟାଙ୍କି ପାଣି ନେଉଥିଲେ। ଛେଳି, ଗାଈ ଯେମିତି ଚାରାଗୁଡ଼ିକୁ ନ ଖାଆନ୍ତୁ ସେଥିପାଇଁ ଗଛ ଚାରିପଟେ କଣ୍ଟା ଗଛର ବାଡ଼ କରାଉଥିଲେ। ବିଶେଷକରି ବର୍ଷାଦିନେ ସେ ଚାରା ଲଗାଉଥିଲେ। ଯେମିତିକି ପାଣିର ଅଭାବ ରହିବନାହିଁ। ବର୍ଷା ନ ହେଲେ ଦିନକୁ ଚାରିଥର ନିଜେ ପାଣି ଦେବାକୁ ଯାଉଥିଲେ। ଏହି କାମରେ ତାଙ୍କ ସ୍ୱାମୀ ବି ତାଙ୍କୁ ସହଯୋଗ କରୁଥିଲେ। ଗଛଗୁଡ଼ିକ ବଡ଼ ହେବା ପରେ ରାସ୍ତାର ଉଭୟ ପାର୍ଶ୍ୱ ସବୁଜିମାରେ ଭରିଗଲା। ତାଙ୍କର ପ୍ରକୃତ ନାମ ଆଲା ମରଦା ଥିମକ୍କା। ହେଲେ ତାଙ୍କର ଏଭଳି ବୃକ୍ଷରୋପଣ କାର୍ଯ୍ୟ ଦେଖି ଲୋକେ ତାଙ୍କ ନାମରେ 'ସାଲୁମରଦା' ଲଗାଇଥିଲେ ଯାହାର ଅର୍ଥ ହେଉଛି 'ଧାଡ଼ି ଧାଡ଼ି ଗଛ'। କେହି କେହି ତାଙ୍କୁ 'ଗଛ ମା' ବି କହିଲେ। ସେ ଲଗାଇଥିବା ଗଛ ଏବେ କର୍ନାଟକ ସରକାରଙ୍କ ହେପାଜତକୁ ଚାଲିଯାଇଛି। ତେବେ ୨୦୧୯ରେ ବାଗେପଲ୍ଲି-ହଲଗୁରୁ ରାସ୍ତାକୁ ଓସାର କରିବା ଲାଗି ଏହିସବୁ ଗଛ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ହେଲେ ସେ ସରକାରଙ୍କୁ ନିବେଦନ କରିଥିଲେ ଗଛଗୁଡ଼ିକୁ କଟା ନ ଯାଉ। ଶେଷରେ ତାଙ୍କ ଅନୁରୋଧ ରକ୍ଷା କରାଯାଇଥିଲା। ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ 'ନ୍ୟାଶନାଲ ସିଟିଜେନ୍ସ ଆୱାର୍ଡ' ପ୍ରଦାନ କରାଯିବା ସହ ୨୦୧୯ରେ 'ପଦ୍ମଶ୍ରୀ'ରେ ବି ସମ୍ମାନିତ କରାଯାଇଛି। ୧୯୯୧ରେ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇଗଲା। ତଥାପି ସେ ଏହି କାର୍ଯ୍ୟରୁ ନିବୃତ୍ତ ହେଲେ ନାହିଁ। ଏକା ଏକା ଏହି କାମରେ ଲାଗିରହିଲେ। ଭାରତର ଯେଉଁଠି ବି ବୃକ୍ଷରୋପଣ କାର୍ଯ୍ୟ ହୁଏ ତାଙ୍କୁ ଡକା ଯାଏ। ଗଛ ଲଗାଇବା ବାଦ ସେ ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗାଁରେ ଟାଙ୍କି ତିଆରି କରିଛନ୍ତି। ତାଙ୍କ ନାମରେ ଫାଉଣ୍ଡେଶନ ଗଠନ କରାହୋଇଛି। ତାଙ୍କ ସମ୍ମାନରେ ରଚିତ ଏକ କବିତା ପିଲାଙ୍କ ପାଠ୍ୟ ପୁସ୍ତକରେ ବି ସ୍ଥାନ ପାଇଛି। ଆମେରିକାର ଲସ୍ଆଞ୍ଜେଲସ୍ ଓ ଓକ୍ଲାଣ୍ଡରେ ଥିବା ଏକ ଆମେରିକୀୟ ପରିବେଶ ସଂଗଠନ 'ଥିମକ୍କା ରିସୋର୍ସେସ୍ ଫର୍ ଏନଭାଇରମେଣ୍ଟାଲ ଏଜୁକେଶନ୍' ତାଙ୍କ ନାମାନୁସାରେ କରାଯାଇଛି। ୧୯୯୯ରେ ତାଙ୍କ ଜୀବନୀକୁ ନେଇ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର 'ଥିମକ୍କା ମଥୁ ୨୮୪ ମକାଲୁ' ପ୍ରସ୍ତୁତ କରାଯାଇଥିଲା, ଯାହାକି ୨୦୦୦ ମସିହାର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା। ୨୦୧୬ରେ ବ୍ରିଟିଶ ବ୍ରଡ୍କାଷ୍ଟିଂ କର୍ପୋରେଶନ୍, ଥିମକ୍କାଙ୍କୁ ପୃଥିବୀର ସବୁଠାରୁ ପ୍ରଭାବଶାଳୀ ଓ ପ୍ରେରଣାଦାୟକ ମହିଳା ତାଲିକାରେ ଅନ୍ତର୍ଭୁକ୍ତ କରିଥିଲା। ୨୦୨୫, ନଭେମ୍ବର ୧୪ ତାରିଖରେ ୧୧୪ ବର୍ଷ ବୟସରେ ଥିମକ୍କାଙ୍କ ଦେହାନ୍ତ ହୋଇଥିଲା।

**ଆର୍ଦ୍ରଭୂମିର ସଂରକ୍ଷଣ କରି ହେଲେ ରାମସର୍ ପୁରସ୍କାର ପାଇଥିବା ପ୍ରଥମ ମହିଳା:** ଶାଢ଼ିପିନ୍ଧା ଜଣେ ସାଧାରଣ ମହିଳା କ'ଣ ବା କରିପାରିବ କହି ଲୋକେ ପ୍ରଥମେ ଚେନ୍ନାଇର ଜୟଶ୍ରୀ ଭେଙ୍କଟେସନ୍ଙ୍କୁ ତାଚ୍ଛଲ୍ୟ କରୁଥିଲେ। ହେଲେ ସେ ନୀରବ ରହି ନିଜ ଲକ୍ଷ୍ୟ ପ୍ରତି ଏକାଗ୍ର ଚିତ୍ତ ରହିଲେ। ଦୃଢ଼ ସଂକଳ୍ପର ସହ ଚେନ୍ନାଇର ସଙ୍କଟାପନ୍ନ ଅବସ୍ଥାରେ ଥିବା ଆର୍ଦ୍ରଭୂମିରେ ପାଦ ରଖି ତା'ର ସଂରକ୍ଷଣ କାମରେ ଲାଗିଗଲେ। ଚେନ୍ନାଇର ପଲ୍ଲିକରନଇ ଆର୍ଦ୍ରଭୂମିରୁ ସେ ପ୍ରଥମେ ପୁନରୁଦ୍ଧାର କାମ ଆରମ୍ଭ କରିଥିଲେ। ଯାହାକୁ କି ଲୋକେ ବେକାର ଓ ବଞ୍ଜର ଭୂମି ବୋଲି କହୁଥିଲେ। ନିଜ ଜୀବନର ଅନେକ ବର୍ଷ ଦେଇ ଏହି ଆର୍ଦ୍ରଭୂମିର ପୁନରୁଦ୍ଧାରରେ ସେ ବିତାଇଲେ। ପ୍ରଥମେ ପ୍ରାୟ ୩୧ ହଜାର ଟଙ୍କା ନିବେଶ କରି ଏହାର ପୁନରୁଦ୍ଧାର କାମ ଆରମ୍ଭ କରିଥିଲେ। ଦଳରେଭରା ପଲ୍ଲିକରନଇ ଆର୍ଦ୍ରଭୂମିର ମହତ୍ତ୍ୱ ସମ୍ପର୍କରେ ସମସ୍ତଙ୍କୁ ଜଣାଇଲେ। ଚେନ୍ନାଇରେ 'କେୟାର ଅର୍ଥ' ନାମରେ ଟ୍ରଷ୍ଟ ଗଢ଼ିଲେ। ଏହି ଟ୍ରଷ୍ଟର ସେ କୋ ଫାଉଣ୍ଡର, ଯାହାକି ସମ୍ପୂର୍ଣ୍ଣଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ। ଏହି ଟ୍ରଷ୍ଟ ମାଧ୍ୟମରେ ସେ ୪୪ଟି ଆର୍ଦ୍ରଭୂମିର ପୁନରୁଦ୍ଧାର କଲେ, ସେଠାରେ ରହୁଥିବା ବିଭିନ୍ନ ପ୍ରଜାତିର ଗଛ ଚିହ୍ନଟ କଲେ, ଅନଧିକାର ପ୍ରବେଶକୁ ଅଟକାଇଲେ ଓ ଏହାର ଇକୋ ସିଷ୍ଟମକୁ ସୁରକ୍ଷା ପ୍ରଦାନ କଲେ, ଯାହା ଉପରେ କି ଲକ୍ଷ ଲକ୍ଷ ଜୀବ ନିର୍ଭର କରନ୍ତି। ସେ ଯେ କେବଳ ଆର୍ଦ୍ରଭୂମିକୁ ସୁରକ୍ଷା ପ୍ରଦାନ କରିଛନ୍ତି ତାହା ନୁହେଁ, ନୂଆପିଢ଼ିର ମହିଳା କନଜରଭେଶନିଷ୍ଟଙ୍କ ମାର୍ଗଦର୍ଶକ ବି ହୋଇଛନ୍ତି।

ଏହିସବୁ କାର୍ଯ୍ୟ ପାଇଁ ୨୦୨୫ ମସିହାରେ ତାଙ୍କୁ ଜେନେଭାର ରାମସର୍ ସଚିବାଳୟ ଦ୍ୱାରା 'ରାମସର୍ ୱେଟ୍ଲାଣ୍ଡ କଞ୍ଜରଭେଶନ୍' ଆୱାର୍ଡ ପ୍ରଦାନ କରାଗଲା। ଆର୍ଦ୍ରଭୂମି କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବା ୧୨ ଜଣ ମହିଳାଙ୍କ ମଧ୍ୟରେ ଜୟଶ୍ରୀ ଥିଲେ ଅନ୍ୟତମ। ଜୟଶ୍ରୀ ହେଉଛନ୍ତି ଏହି ସମ୍ମାନ ପାଇଥିବା ପ୍ରଥମ ଭାରତୀୟ ମହିଳା। ଏହି ସମ୍ମାନ ତାଙ୍କର ବର୍ଷ ବର୍ଷର ଦୃଢ଼ ସଂକଳ୍ପ ଓ ପୁନରୁଦ୍ଧାର କାମକୁ ମାନ୍ୟତା ପ୍ରଦାନ କଲା।


ସାଲୁମରଦା ଥିମକ୍କା







ଉଲ୍‌ଫତା ବାନୋ

‘ୱେଟଲାଣ୍ଡ ୱାଇଜ୍ ୟୁଜ୍’ ବିଭାଗରେ ଜୟଶ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଜୟଶ୍ରୀ କୁହନ୍ତି, ‘ସେତେବେଳେ ମୁଁ ଏକ ଏନ୍‌ଜିଓ କରିଥାଏ। ହେଲେ ପାଖରେ ଫଣ୍ଡ ନ ଥାଏ। ସମାଜମଙ୍ଗଳ କାର୍ଯ୍ୟ କରିବାର ଝୁଙ୍କ୍ ଥାଏ। ଏକ ଖବର କାଗଜ ଆର୍ଟିକଲ୍‌ରେ ପଢ଼ିଲି ଚେନ୍ନାଇର ପଲ୍ଲିକରନଇ ଆର୍ଦ୍ରଭୂମିର ପୁନରୁଦ୍ଧାର ହେବା ଜରୁରୀ। ଟଙ୍କା ନ ଥିବାରୁ ଏଇଠୁ କାମ ଆରମ୍ଭ କରିବାର ଯୋଜନା କଲି। ଯଦିଓ ପରେ ଜାଣିପାରିଲି ମୋ ନିଷ୍ପତ୍ତି ଠିକ୍ ଥିଲା। ହେଲେ ପ୍ରଥମେ ପ୍ରଥମେ ଏଭଳି ଏକ ୱେଷ୍ଟଲାଣ୍ଡରେ କାହିଁକି କାମ କରୁଛି ବୋଲି ଅନେକେ କହିଥିଲେ। କେହି କେହି କହିଲେ ଏହାର ପୁନରୁଦ୍ଧାର କରି କିଛି ଲାଭ ନାହିଁ। କିନ୍ତୁ ମୁଁ ବୁଝାଇଥିଲି ଯାହାକୁ ଆପଣ ଅଦକାରୀ ଜମି ବା ୱେଷ୍ଟଲାଣ୍ଡ କହୁଛନ୍ତି ବନ୍ୟା ସମୟରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ବନ୍ୟାକୁ ଅଟକାଇବାରେ ସାହାଯ୍ୟ କରେ। କାର୍ବନ ସଂଗୃହୀତ କରେ ଓ ଜୈବ ବିବିଧତାକୁ ସମର୍ଥନ କରେ। ମୁଁ କାହାରି କଥା ନ ଶୁଣି ପୁନରୁଦ୍ଧାର କାମରେ ଲାଗିଲି। ଏହି ସମୟରେ ଅନେକ ନ୍ୟାୟିକ ବାଧାବିଘ୍ନ ଆସିଲା। ତଥାପି ସେସବୁକୁ ଆଡ଼େଇ ପୁନରୁଦ୍ଧାର କାର୍ଯ୍ୟରେ ଲାଗିଲି। ଏବେ ଏହା ବିଭିନ୍ନ ପ୍ରକାରର ବୃକ୍ଷଲତା ଓ ୩୩୭ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀଙ୍କ ଘର । ଅର୍ଥାତ୍ ଏହି ୱେଷ୍ଟଲାଣ୍ଡ ଏବେ ଜୈବ ବିବିଧତାର ପ୍ରମୁଖ ସ୍ଥଳ ପାଲଟିଛି। ଯାହାକୁ ପୂର୍ବରୁ ଅଳିଆ ଗଦା ଭାବି ଅଳିଆ ପକା ଯାଉଥିଲା, ଏବେ ତାକୁ ପରିବେଶର ଗନ୍ତାଘର କୁହାଯାଉଛି।’

**ଦୀର୍ଘ ୩୦ ବର୍ଷ ଧରି ଅପହଞ୍ଚ ଅଞ୍ଚଳକୁ ପହଞ୍ଚାଉଛନ୍ତି ଡାକ:** ୫୫ ବର୍ଷୀୟା ଉଲ୍‌ଫତା ବାନୋ ଦୀର୍ଘ ୨୫ ବର୍ଷ ଧରି ହୀରପୋରାର ବରଫମୟ ରାସ୍ତାରେ ପାଦରେ ଚାଲି ଚାଲି ଗାଁ ଲୋକଙ୍କ ପାଖକୁ ଡାକ ଓ ପାର୍ସଲ ପହଞ୍ଚାଉଛନ୍ତି। ଦକ୍ଷିଣ କଶ୍ମୀରସ୍ଥ ଶୋପିୟା ଜିଲାର ଅପହଞ୍ଚ ଗାଁ ହେଉଛି ହୀରପୋରା। ଶୀତଦିନ ଏଠି ଭାରି କଷ୍ଟକର। ନଭେମ୍ବରରୁ ମାର୍ଚ୍ଚ ମାସ ଯାଏ ପାରଦ –୧୫° ପର୍ଯ୍ୟନ୍ତ ଖସିଯାଏ । ଢାଙ୍କି ହୋଇଯାଏ ବରଫର ଚାଦର। ରାସ୍ତାରେ ୫–୬ ଫୁଟ୍ ଉଚ୍ଚତାର ବରଫ ଜମିଯାଏ। ଶରୀରକୁ ଜମାଟ ବନ୍ଧେଇବା ଭଳି ଥଣ୍ଡା ପବନ ଭିତରେ ବି ଦୀର୍ଘ ୨୫ ବର୍ଷ ଧରି ଉଲ୍‌ଫତା ଅବିରତଭାବେ ପ୍ରତିଦିନ ୨୦–୨୫ ପାର୍ସଲ ନେଇ ପହଞ୍ଚନ୍ତି ହୀରପୋରା ଗାଁରେ। ନାନା ପ୍ରତିକୂଳ ପରିସ୍ଥିତିରେ ଗତି କରି ସେ ଏହି ଗାଁର ଜୀବନରେଖା ଭଳି କାମ କରନ୍ତି।

ପାରମ୍ପରିକ ଉଲର ଫିରନ, ଉଲ୍‌ର ଟୋପି, ଲଙ୍ଗ ବୁଟ୍ସ, ସ୍କାର୍ଫ ପିନ୍ଧି ଓ ବେଳେବେଳେ ହାତରେ ଛତାଧରି ବରଫରେ ଢାଙ୍କି ହୋଇ ରହିଥିବା ରାସ୍ତାରେ ଅନେକ କି.ମି. ବହୁ କଷ୍ଟରେ ପାଦରେ ଚାଲି ଚାଲି ଉଲ୍‌ଫତା ଡାକ ଓ ପାର୍ସଲ ପହଞ୍ଚାନ୍ତି। ବେଳେବେଳେ ଅତ୍ୟଧିକ ତୁଷାରପାତ, ବୃଷ୍ଟିପାତ ତାଙ୍କ ପଥକୁ ଅଧିକ କଷ୍ଟକର କରିଦିଏ। ତଥାପି ସେ ନିଜ କର୍ତ୍ତବ୍ୟରୁ ବିମୁଖ ହୋଇନାହାନ୍ତି। ଦୀର୍ଘ ୩୦ ବର୍ଷ ଧରି ଡାକ ବିଭାଗରେ କାମ କରୁଥିବା ଉଲ୍‌ଫତାଙ୍କର ପରିଶ୍ରମ ଓ କାମ ପ୍ରତି ସମର୍ପଣ ଭାବକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରନ୍ତି। ସେ ହୀରପୋରାର ପୋଷ୍ଟ ଅଫିସ୍‌ରେ କାମ କରନ୍ତି। ମାସକୁ ୨୨୦୦୦ଟଙ୍କା ଦରମା ପାଆନ୍ତି। ହେଲେ ସେ ନିଜର ଏହି କାମକୁ କେବେ ଚାକିରି ଭାବିନାହାନ୍ତି। ନିଜ ଜୀବନକୁ ସେ ସମର୍ପି ଦେଇଛନ୍ତି ସେହି ଅପହଞ୍ଚ ଗାଁକୁ ଆଉ ପାଲଟିଛନ୍ତି ତାଙ୍କ ଜୀବନରେଖା । ଶୀତଦିନେ ଯେଉଁଠି ଯୁବାମାନେ ଏହି ବରଫଭରା ରାସ୍ତାରେ ଚାଲିପାରନ୍ତି ନାହିଁ, ୫୫ ବର୍ଷୀୟା ଉଲ୍‌ଫତା କିନ୍ତୁ ଜୀବନକୁ ବାଜି ଲଗାଇ ପ୍ରତିଦିନ ଯାଆନ୍ତି।

ବାଟରେ ଜଙ୍ଗଲ ବି ପଡ଼େ। ବନ୍ୟ ଜୀବଙ୍କ ଆକ୍ରମଣର ଭୟ ଥାଏ। ଏଯାଏ ଯଦିଓ ସେ ସେଭଳି ସ୍ଥିତିର ସମ୍ମୁଖୀନ ହୋଇନାହାନ୍ତି। ହେଲେ ପରିବାର ଲୋକେ ସବୁବେଳେ ଚିନ୍ତାରେ ଥାଆନ୍ତି। ହୀରପୋରା ଗାଁ ପାଇଁ ଉଲ୍‌ଫତାଙ୍କ ସେବା ବହୁତ ମହତ୍ତ୍ୱ ରଖେ। କାରଣ ତାଙ୍କରି ପାଇଁ ଗ୍ରାମବାସୀ ଅତ୍ୟଧିକ ଥଣ୍ଡା ଓ ତୁଷାରପାତ ସତ୍ତ୍ୱେ ଅଧ୍ୟୟନ ସାମଗ୍ରୀ, ଡାକ, ପାର୍ସଲ ଆଦି ସମୟରେ ପାଇପାରନ୍ତି। ଗାଁ ଲୋକେ ବାହାରେ ରହୁଥିବା ସମ୍ପର୍କୀୟଙ୍କ ସହ ଯୋଡି ହୋଇ ରହିପାରନ୍ତି। ତାଙ୍କ ସ୍ୱାମୀ ଯେ କି ଜଣେ ଅବସରପ୍ରାପ୍ତ ପୋଷ୍ଟମ୍ୟାନ ନିଜ ସ୍ତ୍ରୀଙ୍କର ଏଭଳି କର୍ତ୍ତବ୍ୟନିଷ୍ଠ କାର୍ଯ୍ୟ ପାଇଁ ଗର୍ବ ଅନୁଭବ କରନ୍ତି।

**ଲକ୍ଷ ଲକ୍ଷ ଗଛ ଲଗାଇଛନ୍ତି ମିନା:** ଜୀବନ ଥିବା ଯାଏ ବୃକ୍ଷ ରୋପଣ କରୁଥିବି ବୋଲି କୁହନ୍ତି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପଥରକଟା ଗାଁର ବୋହୂ ମିନାରାଣୀ ସାହୁ। ୧୯୮୪ ମସିହାରେ ଜନ୍ମିତ ମୀନା ୨୦୦୦ ମସିହାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଟିଭି, ରେଡିଓରୁ ପରିବେଶ ଦୂଷିତ ହେବା ଆଉ ଏହାର ନିରାକରଣ ବାର୍ତ୍ତା ଶୁଣି ପରିବେଶ ପାଇଁ କିଛି କରିବାକୁ ମନ ବଳାଇଥିଲେ। ସ୍ୱାମୀ ଓ ପରିବାର ଲୋକ ବି ତାଙ୍କ ସହ ସହମତ ହୋଇଥିଲେ। ଘରର କାମ ସାରି ହାତରେ ଟାରା, ଶାବଳ, ଫାଉଡା ଧରି ବାହାରି ପଡିଲେ ସବୁଜିମା ହରାଇଥିବା ନିଜ ଗାଁକୁ ପୁଣିଥରେ ସବୁଜିମାରେ ଭରିବାକୁ। ୨୦୧୯ ମସିହାରୁ ସେ ଏହି କାମ ଆରମ୍ଭ କଲେ। କେବେ ଚିଲିକା କୂଳ ତ କେବେ ବିଦ୍ୟାଳୟ ପରିସର ଓ କେବେ ଖୋଲା ପଡିଆରେ ଲଗାଇଲେ ଗଛ। ରାସ୍ତାକଡ଼ ଏମିତିକି ସମସ୍ତଙ୍କ ବାଡିରେ ଗଛ ଲଗାଇଲେ। ବଜ୍ରାଘାତରୁ ରକ୍ଷା ପାଇବା ପାଇଁ ଗାଁର ଚାରିପାଖ, ଚିଲିକା କୂଳ ଆଦି ସ୍ଥାନରେ ଏକ ଲକ୍ଷ ପଞ୍ଚତିରିଶ ହଜାର ତାଳ ଗଛ ଲଗାଇଛନ୍ତି। ସେହିଭଳି ଏକ ଲକ୍ଷ ନିମ ଗଛ ମଧ୍ୟ ରୋପଣ କରି ତା’ର ଦାୟିତ୍ୱ ନେଉଛନ୍ତି। କେବଳ ନିଜ ଗାଁ ନୁହେଁ ଏହି ବୃକ୍ଷରୋପଣ କାର୍ଯ୍ୟ ସେ ପୁରୀ ରେଳ ଷ୍ଟେଶନ, ଲୋକନାଥ ମନ୍ଦିର ରାସ୍ତା, ଏମିତିକି ବଡ଼ଦାଣ୍ଡରେ ମଧ୍ୟ କରିଛନ୍ତି। ଏଥିପାଇଁ ସେ ୩ ଥର ପାଇଥିବା ସମସ୍ତ ସୁଭଦ୍ରା ଟଙ୍କାକୁ ଗଛ କିଣାରେ ଲଗାଇଛନ୍ତି। ସେ କହନ୍ତି, ‘ବୃକ୍ଷ ଟିଏ, ଜୀବନ ଟିଏ। ବୃକ୍ଷ ରୋପଣଠାରୁ ଧର୍ମ ଆଉ କିଛି ନାହିଁ। ପ୍ରଥମେ ଗାଁର ଅମିତା ତରେଇ ଏହି କାମ କରୁଥିଲେ। ତାଙ୍କୁ ଦେଖି ମୁଁ ଏହି କାମରେ ଲାଗିଲି। ଏବେ ମୁଁ ଏକା ଲକ୍ଷ ଲକ୍ଷ ଗଛ ଲଗାଇ ସାରିଲିଣି। ଗାଁର ଆହୁରି ଅନେକ ମହିଳା ଏବେ ସ୍ୱତଃପ୍ରବୃତ୍ତଭାବେ ମୋ ସହ ହାତ ମିଶେଇଛନ୍ତି। ବୃକ୍ଷରୋପଣ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି। ମୋ ସ୍ୱାମୀ ବି ମତେ ଏଥିରେ ବହୁତ ସହଯୋଗ କରନ୍ତି। ଚାରା କିଣିବା ପାଇଁ ଟଙ୍କା ଦେବାକୁ ସେ କେବେ ମନା କରନ୍ତି ନାହିଁ। ଏହା ବାଦ୍ ଗାଁର ହିମାଂଶୁ ନାୟକ ବି ଅନେକ ସମୟରେ ଆର୍ଥିକ ସାହାଯ୍ୟ କରିଛନ୍ତି ଚାରା କିଣିବା ପାଇଁ। ଦିନେ ଆମ ଗାଁ ଗଛ ବିନା ଶ୍ରୀହୀନ ଦେଖା ଯାଉଥିଲା। ହେଲେ ଏବେ ଚାରିଆଡ଼ ସବୁଜିମାରେ ଭରିଯାଇଛି। ଯାହାକୁ ଦେଖି ଭାରି ଖୁସି ଲାଗୁଛି।’ ମିନାଙ୍କର ଏହି କାର୍ଯ୍ୟ ପାଇଁ ସରକାର ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ସେ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର, ସବୁଜ ସମ୍ମାନ, କର୍ମବୀର ସମ୍ମାନ ଆଦି ସମ୍ମାନରେ ବହୁବାର ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ତାଙ୍କ ଚଲାପଥର ଇନ୍ଧନ ପାଲଟିଛି। ପରିବେଶର ସୁରକ୍ଷା ପାଇଁ ଗାଁରେ ‘ଗ୍ରୀନ ପାରିକୁଦ’ ନାମରେ ଏକ ସଂଗଠନ କରିଛନ୍ତି। ବହୁ ମହିଳା, ପୁରୁଷ, ଯୁବ ସଂଗଠନ ଗ୍ରୀନ ପାରିକୁଦରେ ସାମିଲ ମଧ୍ୟ ହୋଇଛନ୍ତି। ମୀନାରାଣୀ କୁହନ୍ତି, ‘ପ୍ରତିଦିନ ଯଦି ମୁଁ ଗଛଟିଏ ନ ଲଗାଏ ମୋତେ ଶାନ୍ତି ଲାଗେ ନାହିଁ। ତେଣୁ ମୋର ହାତ ଗୋଡ଼ ଚାଲୁଥିବା ଯାଏ ମୁଁ ଗଛ ଲଗାଉଥିବି।

ନାରୀ ସୃଷ୍ଟିକାରିଣୀ। ସେ ଦୃଢମନା। ଥରେ ଯଦି କିଛି କରିବାକୁ ସଂକଳ୍ପ ନେଇଯାଏ, ତାକୁ ପୂରଣ କରିବା ପାଇଁ ସେ କିଛି ବି କରିପାରେ। ଏମିତିକି ସମାଜ କଲ୍ୟାଣ ପାଇଁ ଏକା ଏକା ଆଗେଇପାରେ। ଆଣିପାରେ ବିରାଟ ପରିବର୍ତ୍ତନ।

**–ଶିବାନୀ ମହାନ୍ତି**

ତଥ୍ୟ– **କୈଳାଶ ଚନ୍ଦ୍ର ପଟନାୟକ(କୃଷ୍ଣପ୍ରସାଦ)**



ମିନାରାଣୀ ସାହୁ





# ଟେମ୍ପଲ ଜୁଏଲେରୀ







ଜୁଏଲେରୀ ପ୍ରତି ନାରୀଙ୍କର ଦୁର୍ବଳତା ସବୁବେଳେ ରହିଆସିଛି। ଏହା ସେମାନଙ୍କ ରୂପକୁ ଅଧିକ ଆକର୍ଷକ କରିଥାଏ। ଜୁଏଲେରୀ ବି ବିଭିନ୍ନ ପ୍ରକାରର ହୋଇଥାଏ। ଟେମ୍ପଲ ଜୁଏଲେରୀ ତନ୍ମଧ୍ୟରୁ ଅନ୍ୟତମ। ପାରମ୍ପରିକ ଦେବଦେବୀ ତଥା ମନ୍ଦିର ଡିଜାଇନ୍‌ରେ ଆସୁଥିବା ଏହି ଜୁଏଲେରୀକୁ ପିନ୍ଧିଲେ ଆକର୍ଷଣୀୟ ରୟାଲ୍ ଲୁକ୍ ମିଳେ...



**ଟେମ୍ପଲ ଜୁଏଲେରୀର ଇତିହାସ:** ଇତିହାସରୁ ଜଣାଯାଏ ଯେ, ରାଜରାଜୁଡ଼ାଙ୍କ ସମୟରେ ଦେବଦେବୀ ମନ୍ଦିରକୁ ଯେଉଁ ଧନରତ୍ନ ଦାନ କରାଯାଉଥିଲା, ସେଥିରେ ସୁନ୍ଦର ସୁନ୍ଦର ଓ ଭାରି ଆଭୁଷଣମାନ ତିଆରି କରାଯାଇ ଦେବଦେବୀଙ୍କୁ ଅର୍ପଣ କରାଯାଉଥିଲା। ଏହି ଆଭୂଷଣଗୁଡ଼ିକରେ ପ୍ରାୟତଃ ଦେବଦେବୀ ତଥା ମନ୍ଦିରର ଡିଜାଇନ୍ ରହୁଥିବାରୁ ଏହାକୁ ଟେମ୍ପଲ ଜୁଏଲେରୀ ବୋଲି କୁହାଯାଉଥିଲା। ପରେ ପରେ ରାଜ ପରିବାରର ଲୋକେ ବି ଏହି ଡିଜାଇନ୍‌କୁ ଅନୁକରଣ କରି ଆଭୂଷଣ ତିଆରି କଲେ ଆଉ ତାକୁ ପିନ୍ଧିବାକୁ ଲାଗିଲେ। ସେବେଠାରୁ ଏହି ଆଭୂଷଣର ଚଳଣି ଚାଲି ଆସିଛି। ଏବେ କିନ୍ତୁ ଟେମ୍ପଲ ଜୁଏଲେରୀ ଟ୍ରେଣ୍ଡ ପାଲଟିଛି। ଅବଶ୍ୟ ଏହି ଜୁଏଲେରୀ ଟିକେ ହେଭି ଡିଜାଇନ୍‌ରେ ଆସୁଥିବାରୁ ଏବଂ ଏହାର ଗଢା ମଜୁରୀ ଅଧିକ ଥିବାରୁ ଦାମ୍ ଟିକେ ବେଶୀ ରହୁଛି।

**ଟେମ୍ପଲ ଜୁଏଲେରୀର ବିଭିନ୍ନ ଡିଜାଇନ୍**

ଏହି ଜୁଏଲେରୀର ନେକ୍‌ଲେସ୍, ଇୟର ରିଂ, ଚୁଡ଼ି, ମୁଦି, କମରବନ୍ଧ, ବାଜୁବନ୍ଧ ଇତ୍ୟାଦି ଦେଖିବାକୁ ବେଶ୍ ଆକର୍ଷକ ଲାଗେ। ଏସବୁର ଅନେକ ଡିଜାଇନ୍ ବି ମିଳେ। ଯେମିତିକି:



**✲ ଚୋକର୍ ଡିଜାଇନ୍ ଟେମ୍ପଲ ଜୁଏଲେରୀ:** ଚୋକର୍ ଡିଜାଇନ୍‌ରେ ଆସୁଥିବା ଟେମ୍ପଲ ଜୁଲଲେରୀର କଥା ହିଁ କିଛି ନିଆରା। ଏହା କେବେ କେବେ ଲକ୍ଷ୍ମୀ ମା'ଙ୍କ ଡିଜାଇନ୍‌ରେ ଆସେ ତ କେବେ ପ୍ରଭୁ ଗଣେଶଙ୍କ ଡିଜାଇନ୍‌ରେ ତିଆରି ହୋଇଥାଏ। ସେହିପରି ଆଉ କିଛି ଚୋକର୍‌ରେ ଫୁଲ, କଏନ୍, ମୟୂର, ଆମ୍ବ, ଏପରିକି କୌଣସି ମନ୍ଦିରର ଡିଜାଇନ୍ ବି ହୋଇଥାଏ ; ଯାହାକି ଦେଖିବାକୁ ଖୁବ୍ ହେଭି ଲାଗେ। ସବୁଠୁ ବଡ଼ କଥା ହେଉଛି ଏହି ଟାଇପ୍‌ର ଚୋକର୍ ସାଙ୍ଗକୁ ମ୍ୟାଚିଂ ଇୟର୍ ରିଂ ପିନ୍ଧିଦେଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ। ବିଶେଷକରି ପାଟ ଶାଢ଼ି ହେଉକି ଗୋଲ୍ଡେନ୍ ବର୍ଡର ଶାଢ଼ି ସାଙ୍ଗକୁ ଚୋକର୍ ଡିଜାଇନ୍‌ର ଟେମ୍ପଲ ଜୁଏଲେରୀ ଖୁବ୍ ସୁନ୍ଦର ମାନିଥାଏ।

**✲ ରାମ ଦରବାର ଡିଜାଇନ୍ ଟେମ୍ପଲ ଜୁଏଲେରୀ ସେଟ୍:** ପ୍ରଭୁ ଶ୍ରୀରାମଙ୍କ ରାଜ ଦରବାର ଡିଜାଇନ୍‌ରେ ବି ଟେମ୍ପଲ ଜୁଏଲେରୀ ସେଟ୍ ମିଳୁଛି ; ଯାହା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିଲେ ବି ସେମିତି ରୟାଲ୍ ଲୁକ୍ ମିଳେ। ବାହାଘର, ବ୍ରତଘର ଭଳି ଫଙ୍କସନ୍‌ରେ ପାଟ ଶାଢ଼ି ସାଙ୍ଗକୁ ମ୍ୟାଚିଂ କରି ଏହାକୁ ପିନ୍ଧିଲେ ଲୁକ୍ ବେଶ୍ ଗର୍ଜିୟସ୍ ଲାଗେ। ଆଉ ଏହା ସାଙ୍ଗକୁ ସୁନ୍ଦର ବନ୍ ହେୟାର୍ ଷ୍ଟାଇଲ୍ ଖୁବ୍ ଆକର୍ଷଣୀୟ ଲାଗିଥାଏ।

**✲ ହେଭି ଡିଜାଇନ୍ ଟେମ୍ପଲ ଜୁଏଲେରୀ:** ହେଭି ନେକ୍‌ଲେସ୍ ପିନ୍ଧିବାକୁ ପସନ୍ଦ କରୁଥିବା ନାରୀମାନଙ୍କ ପାଇଁ ବି ଏବେ ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ରେ ହେଭି ଟେମ୍ପଲ ଜୁଏଲେରୀ ମିଳିଲାଣି। ଏଥିରୁ କିଛି ଚୋକର୍ ଡିଜାଇନ୍‌ରେ ଆସୁଥିବାବେଳେ କିଛି ଲମ୍ବା ହାର ଡିଜାଇନ୍‌ରେ ମଧ୍ୟ ଆସୁଛି। ଏପରିକି ଆଉ କିଛି ଟେମ୍ପଲ ଡିଜାଇନ୍‌ରେ ଉଭୟ ଚୋକର୍ ଏବଂ ତା'ସାଙ୍ଗକୁ ମ୍ୟାଚିଂ କରି ଲମ୍ବା ହାର ବି ରହୁଛି। ବିଶେଷକରି ଦକ୍ଷିଣ ଭାରତୀୟ ମହିଳାଙ୍କ ମଧ୍ୟରେ ଏହି ଟାଇପ୍‌ର ଜୁଏଲେରୀ ପ୍ରତି ଅଧିକ ଆକର୍ଷଣ ରହିଥାଏ। ଏସବୁ ବ୍ୟତିତ ଟେମ୍ପଲ ଜୁଏଲେରୀର ଚୁଡ଼ି, ଇୟର ରିଂ, କମରବନ୍ଧ ତଥା ଅନ୍ୟାନ୍ୟ ଗହଣା ବି ଖୁବ୍ ସୁନ୍ଦର ଦେଖାଯାଇଥାଏ।



## କିଛି ଟିପ୍ସ

❖ କାଞ୍ଜିବରମ୍ ଶାଢି ସାଙ୍ଗରେ ଟେମ୍ପଲ ଡିଜାଇନ୍‌ର ଲଙ୍ଗ ନେକ୍‌ଲେସ୍ ଯେମିତି ସୁନ୍ଦର ଲାଗେ ଠିକ୍ ସେମିତି ଚୋକର୍ ନେକ୍‌ଲେସ୍ ବି ଆକର୍ଷଣୀୟ ଲୁକ୍ ଦେଇଥାଏ। ଟିକେ ଅଧିକ ଗର୍ଜିୟସ୍ ଲୁକ୍ ପାଇଁ ଆପଣ ଚାହିଁଲେ ଉଭୟ ଚୋକର ଏବଂ ଲଙ୍ଗ୍ ଷ୍ଟାଇଲ୍ ନେକଲେସ୍‌କୁ ମ୍ୟାଚିଂ କରିବା ସହ ଲେୟାର୍ କରି ପିନ୍ଧିପାରିବେ।


❖ କେବଳ ଗୋଲ୍ଡର ଟେମ୍ପଲ ଜୁଏଲେରୀ ମିଳେ ତାହା ନୁହେଁ, ରୁବି, ଏମେରାଲ୍ଡ, ପର୍ଲ, ହିରା ଖଚିତ ହୋଇଥିବା ଟେମ୍ପଲ ଜୁଏଲେରୀ ବି ପୂଜାପାର୍ବଣ ସମୟରେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ।

# ଏକଇ ମନ୍ଦିରେ ଦୀପ ଜାଳୁଥିଲେ...




ରାଖିରେ ରାଖି ରହିଲୁ ସାଖୀ, ଏକଇ ମନ୍ଦିରେ ଦୀପ ଜାଳୁଥିଲେ ଦୁହେଁ ତ ଦୁହିଁଙ୍କ ପାଇଁ... ପୁଣି ଇସ୍ ଭାରି ସୁନ୍ଦରୀ ତୁମେ ରାଗିଲେ ବି ତୁମେ ରୁଷିଲେ ବି ତୁମେ ..ତୁମେ ତୁମେ ତୁମେ, ଏମିତି ଅନେକ ଲୋକପ୍ରିୟ ଗୀତ ଗାଇଛନ୍ତି ସେ । ସେ ହେଲେ ଜଣାଶୁଣା କଣ୍ଠଶିଳ୍ପୀ **ବିବୁଧେନ୍ଦ୍ର** ଓରଫ **ବିବୁ ଦାସ** । ମାତା କୃଷ୍ଣା ସୁନ୍ଦରୀ ଦାସ । ପିତା କୃଷ୍ଣମୋହନ ଦାସ । ଘର ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ୍ ଅଧୀନ ଛଣଗିରି ଗାଁରେ । ସେ କୁହନ୍ତି, 'ସେତେବେଳେ ମୁଁ ୪ର୍ଥରେ ପଢୁଥାଏ, ମୋ ବାପା ଥିଲେ ପୁରୀରେ ସବ୍‌କଲେକ୍ଟର । ସେ ଯେଉଁଆଡ଼େ ଯାଆନ୍ତି ମୁଁ ତାଙ୍କ ସହ ଯାଏ । କାର୍‌ରେ ଯିବାବେଳେ ସେ ଗୀତ ଗାଆନ୍ତି । ମୁଁ ତାଙ୍କ ମୁହଁକୁ ଚାହିଁ ଗୀତ ଶୁଣୁଥାଏ । ମତେ ବାପାଙ୍କ ଗୀତ ଶୁଣିବାକୁ ବହୁତ ଭଲ ଲାଗୁଥିଲା । ପୁରୀରେ ଆମ କ୍ୱାର୍ଟର୍ସ ଥାଏ । ଦିଗବାରେଣୀ ଖୁଣ୍ଟଠାରୁ ଅଳ୍ପ ଦୂର । ସେତେବେଳେ ହଲରେ ସିନେମା ପଡ଼ିଲେ ରିକ୍ସାରେ ସିନେଷ୍ଟାରଙ୍କ ପୋଷ୍ଟର୍ ଲାଗିବା ସହ ସିନେମା ଗୀତ ବାଜୁଥିଲା । ଗୀତଶୁଣିଶୁଣି ରିକ୍ସା ପଛେପଛେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ସିନେମା ଗୀତ ଗାଇ ଗାଇ ଆସେ । କେତେବେଳେ ଯେ ଘରେ ଆସି ପହଞ୍ଚିଯାଏ ଜଣାପଡ଼େନି । ବାପା କୁହନ୍ତି, ଇଏ ତ ଭଲ ଗୀତ ଗାଉଛି । ସେତେବେଳେ ମୋର ବଡ଼ଭାଇ ସମରେନ୍ଦ୍ର ଦାସ ରାଧାମଣୀ ମହାପାତ୍ରଙ୍କଠାରୁ ଗୀତ ଶିଖିବାକୁ ତାଙ୍କ ଘରକୁ ଯାଉଥିଲେ । ମୋତେ ବି ତାଙ୍କ ପାଖକୁ ପଠାଇଲେ । ମାଉସୀଙ୍କଠାରୁ ମୁଁ ବି ଗୀତ ଶିଖିଲି । ୯ମଶ୍ରେଣୀରେ ପଢୁଥାଏ । ଗ୍ୱାଲିଅରରେ ଅଲ ଇଣ୍ଡିଆ ମ୍ୟୁଜିକ୍‌ରେ ଗୀତ ପ୍ରତିଯୋଗିତା ହେଲା । ସେଥିରେ ଭାଗନେଇ ପ୍ରଥମ ସ୍ଥାନ ପାଇଲି । ତା'ପରେ ବିଭିନ୍ନ ପ୍ରୋଗ୍ରାମରେ ଗୀତ ଗାଇଲି । ୧୯୭୭ ମସିହା କଥା ଷ୍ଟୁଆର୍ଟ୍ସ କଲେଜରେ ଡ୍ରାମାଟିକ୍ ସେକ୍ରେଟାରି ହୋଇଥାଏ । କଲେଜରେ ଏକ ଉତ୍ସବ ପାଇଁ ଅକ୍ଷୟ ମହାନ୍ତି ଅତିଥି ହୋଇ ଆସିଥାନ୍ତି । ମୋର ସାଙ୍ଗମାନେ ଅକ୍ଷୟ ମହାନ୍ତିଙ୍କୁ କହିଲେ, ଆମ ଡ୍ରାମାଟିକ୍ ସେକ୍ରେଟାରି ଭଲ ଗୀତ ଗାଇପାରନ୍ତି । ତା'ପରେ ଅକ୍ଷୟ ମହାନ୍ତି ମୋତେ କହିଲେ, ତମେ ଗୀତ ଗାଅ ? ମୁଁ ହଁ କଲି । ଆଉ ଗାଇଲି । ଅକ୍ଷୟ ମହାନ୍ତି ମୋ ଗୀତ ଶୁଣି କହୁଥାନ୍ତି, ଟୋକାଟା ଜମେଇ ଦେଉଛି । ତା'ପରେ ସାଙ୍ଗମାନେ ଆଉ ଗୋଟେ ଗୀତ ଗାଇବାକୁ ମୋତେ କହିଲେ । କିନ୍ତୁ ଅକ୍ଷୟ ମହାନ୍ତି କହିଲେ, 'ସେ ତୁମ ପାଇଁ ଗାଇବନି ମୋ ପାଇଁ ଗାଇବ' । ଏହି ଗୀତଟି ଥିଲା– କୁଳୁକୁଳୁ ଝରଣାରେ ଢୁଳୁଢୁଳୁ ... । ତା' ପରେ ସେ ଷ୍ଟେଜ୍‌ରେ ଘୋଷଣା କଲେ, ଏଇ ଷ୍ଟେଜ୍‌ରେ ଦିନେ ମୁଁ ପ୍ଲେ ବ୍ୟାକ୍ ସିଙ୍ଗର ହୋଇଥଲି । ଏହିଠାରୁ ଆଲମ ଗାଇ ପ୍ଲେ ବ୍ୟାକ୍‌ସିଙ୍ଗର ହୋଇଛି । ଆଜି ଆଉ ଜଣେ ପ୍ଲେ–ବ୍ୟାକ ସିଙ୍ଗର ତିଆରି ହେବେ 'ବିବୁ' । ପରେ ମୋତେ ସେ ତାଙ୍କ ଘରକୁ ଯିବାକୁ କହିଲେ । ତାଙ୍କ ଘରକୁ ସକାଳୁ ସକାଳୁ ଯାଏ, ଭଲ୍ୟୁଣ୍ଟିୟର ଭାବେ ଗୀତ ଶିଖାଇଲେ । ଘରକୁ ଗଲେ ତାଙ୍କ ପତ୍ନୀ କୁହନ୍ତି, ବଡ଼ପୁଅ ଆସିଲା । ଆଉ ତାଙ୍କ ମା' କୁହନ୍ତି, ଖୋକାର ବଡ଼ପୁଅ ଆସିଲା । ସେ ହିଁ କହିଲେ ତୋର ଏତେ ବଡ଼ ନାଁ କିଏ ମନେ ରଖିବ । କେବଳ 'ବିବୁ ଦାସ' । ସେବେ ଠାରୁ ଆଉ ପଛକୁ ଚାହିଁନି । ତାଙ୍କ ନିର୍ଦ୍ଦେଶରେ କ୍ରମଶଃ ଏକାଧିକ ସିନେମାରେ ଗୀତ ଗାଇଲି । ରେଭେନ୍‌ଶାରେ ଫିଜିକ୍ସରେ ପିଜି କରୁଥିବା ସମୟରେ 'ଏକଇ ମନ୍ଦିରରେ ଦୀପ ଜାଳୁଥିଲେ ଦୁହେଁ ତ ଦୁହିଁଙ୍କ ପାଇଁ', ତା'ପରେ ପ୍ରଥମ ସିନେମା 'ପାପପୁଣ୍ୟ'ରେ ଗୋଲାପ ବନେ ଗୀତ ଗାଇଥିଲି । ବର୍ଷାରେ ଭିଜି ଭିଜି, ଢେଉ ପରେ ଢେଉ.. । କୁଆରୀ ଆଖିରେ, ଚକାଆଖି ସବୁ ଦେଖୁଛି, କାଳିଆ ଭରସା ଆଦି ପ୍ରାୟ ୩୮ଟି ସିନେମାରେ କଣ୍ଠ ଦାନ କରିସାରିଛି । ଥରେ ଏଚ୍‌ଏମ୍ ଷ୍ଟୁଡିଓରେ ଅକ୍ଷୟ ମହାନ୍ତି କମ୍ପୋଜ କରିଥିବା ଗୀତକୁ ମୁଁ ଭୁଲ୍‌ରେ ଗାଇଲି । ସେ ବିରକ୍ତ ହୋଇ ମାକ୍ରୋଫୋନ୍ ଫିଙ୍ଗିଦେଲେ । ସେଠାରୁ ମୁଁ ଅପମାନିତ ହୋଇ ଫେରିଆସୁଥିଲି । ସେ ମୋ ପଛେ ପଛେ ଯାଇ କହିଲେ, ମୁଁ ତତେ ଗାଳି ଦେବିନି ତ ତତେ କିଏ ଗାଳି ଦେବ । ଚାଲ ତା'ପରେ ସେ ଗୀତକୁ ଗାଇଥିଲି, ସବୁ ଠିକ୍‌ଠାକ୍ ହୋଇଯାଇଥିଲା । ମୋର ମନେଅଛି ଅକ୍ଷୟ ମହାନ୍ତି ଅସୁସ୍ଥ ହେବାପରେ ଦିନେ ଭାଉଜ ମତେ ଫୋନ୍ କରି କହିଲେ, ବିବୁ ସେ ଆଉ ଲୋକ ଚିହ୍ନିପାରୁ ନାହାନ୍ତି । କିନ୍ତୁ ଟିକେ ସେନ୍ସ ଆସିଲେ ତମ କଥା ପଚାରୁଛନ୍ତି । ମୁଁ ତାଙ୍କ ଘରକୁ ଗଲି । ସେଦିନ ମୋର କେନ୍ଦୁଝରରେ ପ୍ରୋଗ୍ରାମ ବି ଥାଏ । ମୁଁ ତାଙ୍କ ପାଖକୁ ଯାଇ ପାଦ ଦୁଇଟିକୁ ଛୁଇଁ ଦେଲି । ସେ କହିଲେ, 'ବିବୁ ମାଇଁ ସନ୍' । ଭାଉଜ ଚମକି କି ପଚାରିଲେ ସେ କାହାକୁ ଚିହ୍ନି ପାରୁ ନାହାନ୍ତି । ତମକୁ କେମିତି ଚିହ୍ନିଗଲେ ? କେତେ ଭଲ ପାଆନ୍ତି ସେ ତୁମକୁ । ତାପରେ ମୁଁ ଅକ୍ଷୟ ମହାନ୍ତିଙ୍କୁ କହିଲି କେନ୍ଦୁଝରରେ ପ୍ରୋଗ୍ରାମ ଅଛି, ଯାଉଛି । ସେ ଯାଆ ବୋଲି ବି କହିଲେ । ସେଠାରେ ପହଞ୍ଚୁ ପହଞ୍ଚୁ କିନ୍ତୁ ଭାଉଜ ଫୋନ କରି କହିଲେ ତାଙ୍କୁ ଏସ୍‌ସିବିରେ ଆଇସିୟୁରେ ଆଡ଼ମିସନ୍ କରିବାକୁ ପଡ଼ିଲା । ମୁଁ ସଙ୍ଗେ ସଙ୍ଗେ ଫେରି ଆସିଲି । ରାତି ଗୋଟେ ଦୁଇଟା ପର୍ଯ୍ୟନ୍ତ ଭାଉଜ ସେମିତି ଆଇସିୟୁ ଦୁଆର ମୁହଁରେ ମତେ ଅପେକ୍ଷା କରିଥାନ୍ତି ଏଇ ବିଶ୍ୱାସରେ ଯେ, ବିବୁ ଆସିଲେ ତାଙ୍କ ଦେହ ଭଲ ହେଇଯିବ । ସେତେବେଳକୁ କଣ୍ଡିସନ୍ ବହୁତ ଖରାପ ଓ ସେ ଭେଣ୍ଟିଲେଟରକୁ ଯାଇ ସାରିଲେଣି । ଭାଉଜ ମତେ ପଚାରିଲେ ସେ କ'ଣ କହିଲେ ? ମୁଁ କହିଲି ସେ ଆଉ କଥା ହେଉ ନାହାନ୍ତି । କିଛି ଦିନ ଚିକିତ୍ସା ଚାଲିଲା । ନଭେମ୍ବର ୧୬ ତାରିଖରେ ତାଙ୍କ କଣ୍ଡିସନ୍ ବହୁତ କ୍ରିଟିକାଲ ହେଇଗଲା । ମୁଁ ତାଙ୍କ ପାଖକୁ ଯାଇ ଦେଖିଲି ସେ କିଛି କହିବାକୁ ଚେଷ୍ଟା କରୁଛନ୍ତି, ଆଉ ତାଙ୍କ ଆଖିରୁ ଲୁହ ବହି ଯାଉଛି । ବହୁକଷ୍ଟରେ ମାସ୍କ ଉଠେଇଦେଇ ସେ କହୁଥିଲେ 'ଜଗନ୍ନାଥ ଜଗନ୍ନାଥ..' । ଯେହେତୁ ସେ ମତେ ପ୍ରଥମେ 'ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନୀ...' ଗୀତ ଶିଖେଇଥିଲେ, ତାକୁ ମୁଁ ବଡ଼ ପାଟିରେ ଆଇସିୟୁରେ ଗାଇବା ଆରମ୍ଭ କଲି । ଗୀତ ଶୁଣି ତାଙ୍କ ଆଖିରୁ ଝର ଝର ଲୁହ ବହି ଯାଉଥିଲା । ସେ ବଢିଆ ବୋଲି କହିଲେ । ତାଙ୍କ ସାମ୍ନାରେ ତାହା ମୋର ଶେଷ ପରଫରମାନ୍ସ ଥିଲା । ତା'ପର ଦିନ ସେ ଚାଲିଯାଇଥିଲେ । ତାଙ୍କ ସହିତ ବହୁବାର ଟ୍ରେନ୍ ଯୋଗେ ବମ୍ବେ ଯାଇଛି । ଏକା ରୁମ୍‌ରେ ରହିଛୁ । ତାଙ୍କ କମ୍ପୋଜରେ ଗୀତ ଗାଇଛି । ମୋର ପ୍ରଫେସନ୍ କଥା କହିଲେ ଚାକିରି ଜୀବନ ଆରମ୍ଭ ହେଲା ଏସ୍‌ଆଇଟି ସ୍କୁଲ କାର୍ଯ୍ୟକ୍ରମର ପ୍ରଡ୍ୟୁସର ଭାବେ । ଗ୍ରାମସାଟ୍‌ରେ ୨୦୦୩ ଯାଏ ଥିଲି । ମୋର ପରିବାର କହିଲେ ପତ୍ନୀ ପ୍ରେମଲତା, ଝିଅ ଅଦ୍ୟାଶା ଯେକି ସିଙ୍ଗର ଓ ପୁଅ ଅରୂପ । ଜଣାଶୁଣା କଣ୍ଠଶିଳ୍ପୀ ବାଳକୃଷ୍ଣ ଦାଶ, ରଘୁନାଥ ପାଣିଗ୍ରାହୀ, ଶାନ୍ତନୁ ମହାପାତ୍ର, ଅମରେନ୍ଦ୍ର ମହାନ୍ତି, ବିକାଶ ଦାଶ, ମନ୍ମଥ ମିଶ୍ର ,ଲକ୍ଷ୍ମୀକାନ୍ତ ପାଲିତଙ୍କ ନିର୍ଦ୍ଦେଶନାରେ ଅନେକ ସଙ୍ଗୀତରେ କଣ୍ଠଦାନ କରିଛି । ସେହିପରି ତୃପ୍ତି ଦାସ, ଗୀତା ଦାସ, ଅନୁରାଧା ପଡ୍‌ୱାଲ, କବିତା କ୍ରିଷ୍ଣାମୂର୍ତ୍ତି, କେ.ଏସ୍. ଚିତ୍ରା, ହୈମନ୍ତୀ ଶୁକ୍ଳା ଆଦି ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ନିର୍ଦ୍ଦେଶକଙ୍କ ସହ କାର୍ଯ୍ୟ କରିଛି ।' ତାଙ୍କର ଜୀବନବ୍ୟାପୀ କଳାସାଧନା ଲାଗି ତାଙ୍କୁ ୨୦୨୦ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମେତ ଆହୁରି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ କରାଯାଇଛି ।







–ବନବିହାରୀ ବେହେରା



# ପ୍ରତୀକ୍ଷା

–ରୋଜାଲିନି ମିଶ୍ର

**ଆ**ଜି ନୂଆବର୍ଷ। 'ହ୍ୟୁମାନିଟି' ଏନ୍‌ଜିଓ ସଂସ୍ଥାର ଲୋକମାନେ ଆଜି ଆସିବେ ଏଇ ବୃଦ୍ଧାଶ୍ରମକୁ କିଛି ଖାଦ୍ୟବସ୍ତ୍ର ବାଣ୍ଟିବା ଉଦ୍ଦେଶ୍ୟରେ। ଏ କଥା ଜାଣିବା ପରଠାରୁ ସବୁବେଳେ ଉଦାସ ରହୁଥିବା କୁମୁଦ ମାଉସୀର ମନ ଭାରି ଖୁସି। ଅଲୋଡ଼ା ମନେକରି ଘରଲୋକ ବସେଇଦେଇ ଯାଇଥିଲେ ତାକୁ କୋଉ ଗୋଟେ ଅଜଣା ରାସ୍ତାକଡ଼ରେ। ସେଠୁ ଉଦ୍ଧାରହୋଇ ଏଠିକୁ ଆସିବା ପରଠାରୁ କେହି ତାକୁ ଦିନେ ଦେଖିନି ହସିବାର କି କାହା ସହ ମନ ଖୋଲି ପଦେ କଥା ହେବାର। ଆଜି ସେଇ କୁମୁଦ ମାଉସୀ ଭାରି ଫୁର୍ତ୍ତିରେ ସକାଳୁ ଉଠି ନିତ୍ୟକର୍ମ ସାରି ବସିଛି ମନ ଖୁସିରେ। ଯାହାକୁ ଦେଖୁଛି ମନ ଖୋଲି ଗପୁଛି। କଥା କ'ଣ !!

ନୂଆବର୍ଷଟା ବୋଲି ସକାଳ ଜଳଖିଆରେ ପୁରି ତରକାରି ସହ ବଡ଼ ବଡ଼ ରସଗୋଲା ଦୁଇଟା ଲେଖାଏ ପରଷି ଦିଆଗଲା ସଭିଙ୍କୁ। କୁମୁଦ ମାଉସୀ ତାକୁ ଦିଆ ଯାଇଥିବା ରସଗୋଲା ଦୁଇଟାକୁ ଟିଫିନ୍ ଭିତରେ ପୂରେଇ ରଖିଦେଲା ଯତ୍ନରେ। କେତକୀ ପଚାରିଲା , ''ଆଲୋ ମାଉସୀ .... ରସଗୋଲା ଖାଇବୁନି କି ? ଖାଇ ଦେ, ଖାଇ ଦେ ... କେଡ଼େ ବଢ଼ିଆ ଲାଗୁଛି । କୋଉ ସବୁବେଳେ ମିଳୁଛି ଯେ !'' କୁମୁଦ ମାଉସୀ ଟିଫିନ୍‌ଟାକୁ ଘୁଞ୍ଚେଇ ଆଣିଲା ଟିକେ ନିଜ ଆଡ଼କୁ । ଆଉ କହିଲା , ''ନାଇଁ ଥାଉ ... କାଲେ ମୋ ପୁଅ ଆସିବ !!''

–– ପୁଅ !! ଆଶ୍ଚର୍ଯ୍ୟ ହୋଇ ଚାହିଁଲା କେତକୀ କୁମୁଦ ମାଉସୀର ମୁହଁକୁ।

କୁମୁଦ ମାଉସୀ କେତକୀକୁ ପାଖକୁ ଟାଣିନେଇ ଚୁପ୍‌ଚୁପ୍ କରି କହିଲା, ''ଜାଣିଛୁ , ଆଜି ଯୋଉ ସଂସ୍ଥାର ଲୋକ ସବୁ ଏଠିକି ଆସିବେ ନା .... ସେଇଠି ମୋ ପୁଅ ଚାକିରି କରେ । ମୋ ପୁଅ ସେଠି ଗୋଟେ ବଡ଼ ଅଫିସର । ଦେଖିବୁ କେତେ କ'ଣ ଜିନିଷ ନେଇ ଆସିବ ସେ ଏ ବୃଦ୍ଧାଶ୍ରମ ଲୋକଙ୍କ ପାଇଁ ।'' ''କିନ୍ତୁ ମୁଁ ମା'ଟେ ହୋଇ କିଛି ଦେଇ ପାରିବିନି ତାକୁ । ଯଦି ସତରେ ମୋ ପୁଅ ଆସିଲା ତେବେ ପୂରା ୫ବର୍ଷ ପରେ ଦେଖିବି ମୁଁ ତାକୁ । ଆଗରୁ ନୂଆବର୍ଷ ଆସିଲେ କେତେ ପ୍ରକାର ରାନ୍ଧିବାଢ଼ି ଖୁଆଇ ଦେଇଛି ତାକୁ ମୁଁ ମୋ ନିଜ ହାତରେ । ଆଜି କିନ୍ତୁ ଏଇ ଅଭାଗୀ ମା' ଟି ପାଖରେ ପୁଅକୁ ଦେବା ପାଇଁ କିଛି ନାହିଁ । ଅଭାଗୀ ହେଲେ ବି ସୁଦ୍ଧା ମୁଁ ମା'ଟିଏ ତ । ମୋ ମନ କ'ଣ ବୁଝିବ ? ଏଇ ମିଠା ଦୁଇଟାକୁ ଖୁଆଇ ଦେବି ମୁଁ ତାକୁ । ଥାଉ, କାଲେ ମୋ ପୁଅ ଆସିବ !'' କହି ଟିଫିନ୍‌ଟାକୁ ଆହୁରି ଯତ୍ନରେ ମୁଠେଇ ଧରିଲା କୁମୁଦ ମାଉସୀ । ଆଖିରେ ତା'ର ଉଙ୍କି ମାରୁଥିଲା ଅବ୍ୟକ୍ତ ଖୁସି ସାଙ୍ଗକୁ ଅଯୁତ ଯୁଗର ପ୍ରତୀକ୍ଷା ।

– ଭିଏସ୍ଏସ୍‌ନଗର, ଭୁବନେଶ୍ୱର
ମୋ: ୮୮୯୫୩୨୬୪୩୪



# ଝିଅ ଗୀତ

–ଲତିକା ମହାପାତ୍ର

**ଏ**ଠି ଫୁଲ ଫୁଟିପାରେ
ପକ୍ଷୀ ଉଡ଼ିପାରେ
ନଈ ବହିପାରେ
ପବନ ବି
ସୂର୍ଯ୍ୟାଲୋକ ବି
ନିଜ ନିଜ ସ୍ୱାଧୀନ ବଳୟରେ
ଖାଲି ଯାହା ବଞ୍ଚିପାରେନି
ଝିଅଟିଏ..
ସେ ଫୁଟିପାରେନି ଫୁଲ ପରି
ଫୁଟିବାର ଋତୁ ଆସିବା ଆଗରୁ
ତାକୁ ଛିଡ଼େଇ ଦଳି ମକଚିଦିଏ
ସମାଜ ସଂସ୍କାର ସଂସ୍କୃତି
ପକ୍ଷୀ ପରି ଉଡ଼ିବ କ'ଣ ?
ଉଡ଼ାଣଖୋର ଡ଼େଣା କାଟିଦିଏ
କେହି ନା କେହି
କେତେ କେତେ କଟକଣା ଅଙ୍କୁଶ ଲଗେଇ
ନଈ ପରି ବହିବ କୁଳୁରୁ କୁଳୁ ?
ଗୀତ ଗାଇ ?
ତା' ଗତିପଥ ବଦଳେ
କେତେ କେତେ କର୍ତ୍ତୃତ୍ୱର
ଭାରି ଭାରି ଓଜନିଆ ଗମ୍ଭୀର
ବିଚାର ବିବେଚନାର ସୁନାମିରେ
ଜୀବନ ସରିଯାଏ
ସରେନା ଝିଅର ଗୀତ
ସେ ଗୁମୁରି ଗୁମୁରି ଗାଉଥାଏ
ମନେ ମନେ ନିଜ ସହ ନିଜେ।

–ତାଳଚେର, ଅନୁଗୋଳ
ମୋ:୯୮୬୧୩୮୫୫୩୯

# ନବବର୍ଷ...

– ରଜତ ମହାନ୍ତି


**କା**ହା ଅଧରରେ
ହସ ନାହିଁ କୁହ
କିଏ ନୁହେଁ ଉଲ୍ଲସିତ ?
ଏମିତି ଲଗ୍ନରେ
କାଗଜ ଫୁଲ ବି
ଲାଗୁଅଛି ବାସ୍ନାୟିତ ;

ଦିଗନ୍ତ ପର୍ଯ୍ୟନ୍ତ
ସ୍ୱପ୍ନର ଲହରୀ
ତା' ମଧ୍ୟେ ପହଁରେ ମନ,
ଅତୀତ କୁଆଡେ
ଭବିଷ୍ୟ କେମିତି
ପ୍ରଶ୍ନ ନୁହେଁ ସମୀଚୀନ ॥

–ବଳଗଣ୍ଡି, ପୁରୀ
ମୋ: ୮୯୦୮୦୬୬୫୬୨







ପୁଣ୍ୟତୋୟା

ଧରିତ୍ରୀ 52 Years

# ୨୦୨୬

## ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଏପ୍ରିଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

୨୬.୧: ସାଧାରଣତନ୍ତ୍ର ଦିବସ, ୧୫.୨: ମହାଶିବରାତ୍ରି, ୪.୩: ହୋଲି, ୨୧.୩: ଇଦୁଲ ଫିତର, ୧୪.୪: ମହାବିଷୁବ ସଂକ୍ରାନ୍ତି, ୧.୫: ଶ୍ରମିକ ଦିବସ, ୧୫.୬: ରଜ ସଂକ୍ରାନ୍ତି, ୧୬.୭: ରଥଯାତ୍ରା, ୧୫.୮: ସ୍ୱାଧୀନତା ଦିବସ, ୧୪.୯: ଗଣେଶ ଚତୁର୍ଥୀ, ୨୦.୧୦: ଦଶହରା, ୮.୧୧: ଦୀପାବଳି, ୨୫.୧୨: ଖ୍ରୀଷ୍ଟମାସ

VAJIRAO IAS ACADEMY
35 SAI SHRADHA SMILE DENTAL CARE A friend of your family
PMG MOTORS INDIA YAMAHA DEALER
THINK BIG THINK RAJ RAJ ELECTRONICS The one and only house hold name in every family of Odisha since 47 years.
SAMBALPUR NURSING COLLEGE
SLEEX POLES
SIKSHA 'O' ANUSANDHAN (DEEMED TO BE UNIVERSITY)
SPARSH HEALTHCARE ODISHA
SRISTI SERVICE
TETRAHEDRON GROUP OF INSTITUTIONS
Virat Group of Institutions Toll Free: 1800 890 9498
Alishan men's exclusive since 1996 60 Janpath, Bhubaneswar, Ph.: 2534077
BHARAT MASALA The Taste of New India
BIITM
CARCINOVA CANCER HOSPITAL CUTTACK
DAYANAND PUBLIC SCHOOL, SAMBALPUR
Gitanjali AWARDS
GUPTA DISTRIBUTORS No.1 Retail Chain Stores 37 STORES ELECTRONICS, MOBILE,CAMERA,LAPTOP, HOME APPLIANCES & FURNITURE
IBS INSTITUTE OF BASIC SCIENCES
homefills trust of purity as mother & child
NEWTON HIGHER SECONDARY SCHOOL OF SCIENCE DEBAIPALI, SAMBALPUR
PANDA TRAVEL MART
FarmB Family of Master Artisans
FROZIT Bread | Cake | Savouries | Coffee | Coolers

# ପ୍ରଥମ ରୋଜଗାରକୁ ରୋଗୀ ସେବାରେ ଲଗାଇଥିଲି

## ପ୍ରଥମ ରୋଜଗାର



ଗାଳ୍ପିକା ସାଗରିକା ପଟ୍ଟନାୟକ ଦାସ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପରୀକ୍ଷା ସରୁ ସରୁ, ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହେଉଥିବା ନାରୀ ହସ୍ତ ଓ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେବାର ସୁଯୋଗ ଆମ ତିନିଜଣ ସାଙ୍ଗଙ୍କୁ ମିଳିଥିଲା। ଦୁଇ ଦିନ ମଧ୍ୟରେ ତିନିସାଙ୍ଗ ମିଶି ରୁମାଲ, ଟେବୁଲ ମ୍ୟାଟ୍ ଓ ଗ୍ରିଟିଙ୍ଗ୍ କାର୍ଡ ଉପରେ ପେଣ୍ଟିଂ କରି ଷ୍ଟଲ୍‌ଟି ଭଲରେ ସମ୍ଭାଳି ଥିଲୁ। ୨୦/୨୧ ବର୍ଷ ବୟସରେ ମନରେ ଥାଏ ଅଦମ୍ୟ ସାହସ ଓ ଉତ୍ସାହ। ଠିକ୍ ତା'ର ଛଅମାସ ପରେ ଆମେ ସେଇ ଟାଉନ୍ ହଲ୍‌ରେ ଉନ୍ମୋଚନ କଲୁ 'ଯୁବନାରୀ ଶିଳ୍ପକଳା ପ୍ରଦର୍ଶନୀ'। ଆମ ପାଖାପାଖି ବୟସର ଅନେକ କଳାକୁଶଳୀ ଝିଅ ଓ ନାରୀ ଯୋଡ଼ି ହୋଇଗଲେ ଆମ ସହିତ। ଆଜିପରି କାମସବୁ ଏତେ ସହଜ ନ ଥିଲା ସେତେବେଳେ। ନିଜକୁ ଖୁବ୍ ଦୌଡ଼ାଦୌଡ଼ି କରିବାକୁ ପଡୁଥିଲା। କଟକ ସହରରେ ସେକାଳେ ମାତ୍ର ୨/୩ ଜଣ ଝିଅଙ୍କ ପାଖରେ ସ୍କୁଟର ଥିଲା। ବାପା ମୋତେ ଗୋଟିଏ କାଇନେଟିକ୍ ହୋଣ୍ଡା ଦେଇଥିବାରୁ ମୋର କାମ କରିବାରେ ସୁବିଧା ହେଉଥିଲା। ଏଥର ଖୁବ୍ ବଡ଼ ଆୟୋଜନ କରିଥିଲୁ ମାସଟିଏ ସମୟ ନେଇ। ନିଜର ହାତ କାରିଗରି, ଦକ୍ଷତା ଦେଖାଇ ପାରିବାରୁ ଖୁବ୍ ଭଲ ସୁଯୋଗଟିଏ ମିଳିଥିଲା ଆମକୁ। ପିପିଲି ଚାନ୍ଦୁଆ, ଶାଢ଼ି ପେଣ୍ଟିଂ, ଟେଲରିଂ ଇତ୍ୟାଦି ସମ୍ପର୍କରେ ଝିଅମାନେ ଟ୍ରେନିଂ ନେଇ ଖୁବ୍ ସୁନ୍ଦର କାର୍ଯ୍ୟ କରୁଥିଲେ। ହାତତିଆରି ସୁନ୍ଦର ଲଫାଫା, ଗ୍ରିଟିଙ୍ଗ୍ କାର୍ଡ, ୱାଲ୍ ହ୍ୟାଙ୍ଗିଂ, ରୁମାଲ, ଟେବୁଲ କଭର, ଟିଭି ଓ ଫ୍ରିଜ୍ କଭର୍ ଇତ୍ୟାଦି ସହିତ ମୁଁ ଯୋଡ଼ିଥିଲି ଟେରାକୋଟା ଘୋଡ଼ା ଓ ହାତୀ ଯୋଡ଼ା, କୁଣ୍ଡ ଉପରେ ରଙ୍ଗିନ କାରୁକାର୍ଯ୍ୟ ଇତ୍ୟାଦି। ଶେଷରେ ଖାଦ୍ୟ ବିଭାଗରେ ଅଣ୍ଡା ଚପ୍, ଘୁଗୁନି ଚାଟ୍ ଓ ଲେମ୍ବୁ ପାଣିର ବ୍ୟବସ୍ଥା ରହିଥିଲା। ଗହଳି ସାଙ୍ଗକୁ ବିକ୍ରିବଟା ବି ଖୁବ୍ ଭଲ ହୋଇଥିଲା। ମା'ବାପା ଏବଂ ଆମ ଭଉଣୀଭାଇମାନଙ୍କ ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗରେ ଆମେ ଏତେ ବଡ଼ କାମକୁ ଶୃଙ୍ଖଳିତ ଭାବେ ନେଇଆଣି ଥୋଇ ପାରିଥିଲୁ। ଏତେ ପରିଶ୍ରମ ପରେ ହାତକୁ ଯେବେ ଅର୍ଥ ଆସିଲା, ସମସ୍ତେ ଖୁବ୍ ଖୁସି ହେଲୁ। ମା'ଙ୍କର ବାର ବାର ତାଗିଦ ଦ୍ୱାରା ସମସ୍ତ ଖର୍ଚ୍ଚ କାଟି ନିଜ ହିସାବ କରିବା ପରେ ମୋର ଲାଭାଂଶ ବାହାରିଥିଲା ହଜାରେ ଟଙ୍କା ; ଯାହାକି ସେ ସମୟରେ ବହୁତ ଅଧିକ ଥିଲା। ଏହା ଥିଲା ମୋ ଜୀବନର ପ୍ରଥମ ରୋଜଗାର।

ପୁଣି ବର୍ଷେ ପରେ ପ୍ରାୟ ଦୁଇ ମାସ ଲାଗିପାଡି ତୃତୀୟ ପ୍ରଦର୍ଶନୀର ଆୟୋଜନ କଲୁ। ଏଥର ଯୋଡ଼ାଗଲା କ୍ୟାନିଂ ଜିନିଷ, ରଙ୍ଗିନ ମାଛ ଓ ତା'ର ପାଳନ ବିଧିର ମାଗଣା ଉପଦେଶ। ଏଥର ଆମ ପ୍ରଦର୍ଶନୀ ଜିନିଷ ଖାଲି କଟକ, ଭୁବନେଶ୍ୱର ନୁହଁ, ପ୍ରବାସୀ ଓଡ଼ିଆଣୀଙ୍କ ମଧ୍ୟରେ ବି ଆଦର ଲାଭ କଲା। ଏଥରକ ପ୍ରାୟ ତିନି ହଜାର ଟଙ୍କା ହୋଇଥିଲା ମୋର ଲାଭାଂଶ। ସାଇତି ରଖିଥିଲି ଟଙ୍କା। କିଛିଦିନ ପରେ ଆମେ କେତେଜଣ ପିଲା ମିଶି 'ସୋସିଆଲ କଲଚରାଲ୍, ପାୟୋନିୟର' ଅନୁଷ୍ଠାନଟିଏ ଗଢ଼ିଲୁ। ଆଉ ସେହି ଅନୁଷ୍ଠାନ ମାଧ୍ୟମରେ ଜଣେ ଯକ୍ଷ୍ମା ରୋଗୀ ଓ ଜଣେ ଦୃଷ୍ଟିବାଧିତ ପିଲାର ଚିକିତ୍ସା ପାଇଁ ମୁଁ ମୋର ପ୍ରଥମ ରୋଜଗାରକୁ ଦାନ କରିଥିଲି। ତା'ସହିତ ଆଉ କିଛି ଅନୁଦାନର ମଧ୍ୟ ବ୍ୟବସ୍ଥା କରାଇ ଦେଇଥିଲି ; ଯାହାକି ମୋତେ ଖୁବ୍ ଆତ୍ମସନ୍ତୋଷ ଦେଇଥିଲା। ସେହିପରି ଦ୍ୱିତୀୟ ରୋଜଗାରରେ ମା'ଙ୍କ ପାଇଁ ଏକ ଖଣ୍ଡୁଆ ପାଟ ଏବଂ ସାନ ଦୁଇ ଭଉଣୀଙ୍କ ପାଇଁ ଶାଢ଼ି ଆଣିଥିଲି। ହେଲେ କିଛିବର୍ଷ ପରେ ମୋ ବାହାଘର ଶାଢ଼ି ବାକ୍ସ ସହିତ ମା' ତାଙ୍କର ସେହି ଖଣ୍ଡୁଆ ପାଟଟିକୁ ଦେଇ କହିଥିଲେ, 'ତୋ ରୋଜଗାର ଟଙ୍କାରେ କିଣା ହୋଇଥିବା ଏହି ଶାଢ଼ିକୁ ମୁଁ କେତେଥର ପିନ୍ଧିଲିଣି ଏଣିକି ତୁ ରଖ, ସବୁଦିନେ ମନେ ପକେଇବୁ।' ମା'ଙ୍କ ମୁହଁର ସେଦିନର ସେ ଶାନ୍ତ ତୃପ୍ତ ହସ ମୁଁ ଆଜିବି ଭୁଲିନାହିଁ। ଯା'ଭିତରେ ଅନେକ ବର୍ଷ ବିତିଗଲାଣି। ପ୍ରାୟ ଦଶ ବର୍ଷ ଗୋଟିଏ ଏନ୍‌ଜିଓରେ କାମ କରିବା ପରେ ଏବେ ସାହିତ୍ୟରେ ମନୋନିବେଶ କରିଛି। ଗପ, କବିତା ଲେଖିବାକୁ ଭଲପାଏ। ଯା'ଭିତରେ 'ମେଘ ମାୟା ଫାଇଁ' ଶୀର୍ଷକ ଏକ କ୍ଷୁଦ୍ର ଗଳ୍ପ ସଂକଳନ ମଧ୍ୟ ମୋର ପ୍ରକାଶିତ ହୋଇସାରିଛି।

# ମନରେ ରହିଛ ମନର କଥା, ଭାବିଲେ ଘୁରାଇ ଦେଉଛି ମଥା




**ପ୍ରଶ୍ନ**-ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ। କ'ଣ କରିବି ?

-ଦୀପକ ସାହୁ, ବଡବିଲ

**ଉତ୍ତର**- ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ, ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯାହା ଜଣାପଡୁଛି ତାହାର ଚୋରା ଚାହାଣୀରେ ପ୍ରେମର ଅସଲ କଥା ଲୁଚି ରହିଛି। 'ମନରେ ରହିଛ ମନର କଥା, ଭାବିଲେ ଘୁରାଇ ଦେଉଛି ମଥା।' ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

-ପ୍ରମୋଦ ଦାସ, କଟକ

**ଉତ୍ତର**- ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲକା ଭାବରେ ନେଇଥାଆନ୍ତି। ଯଦି ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ସେହି ନଖରାମିରୁ ହିଁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**- ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

-ତପନ କୁମାର, ବ୍ରହ୍ମପୁର

**ଉତ୍ତର**-ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ, ଯାହାକୁ ସାମ୍ନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନସନ ଫ୍ରି ରହିବେ।

**ପ୍ରଶ୍ନ**-ଥରେ ଜଣେ ସୁନ୍ଦରୀ ସହ ଭେଟ ହେଇଥିଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

-ତନ୍ମୟ ରାଉତ, ସୁନାବେଡା

**ଉତ୍ତର**- ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଇଥିଲା, କଥାବାର୍ତ୍ତା ଭିତରେ ତା'ର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ନିଜ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !


ଅମ୍ଳାନ

# ରହସ୍ୟ ଖୋଲିବ ଡାଏରୀ

ଡାଏରୀ ଭିତରେ ଲୁଚି ରହିଛି ଏଭଳି କିଛି କଥା, ଯାହାକୁ ଲୋକଲୋଚନକୁ ଆଣିବାକୁ ପଡିବ। ହେଲେ ତା' ଭିତରେ ଏମିତି କ'ଣ ରହସ୍ୟ ରହିଛି ଯେ, ତାକୁ ନେଇ ସମସ୍ତେ ବ୍ୟଗ୍ର ? କାହାଣୀ ଅନୁସାରେ ମଙ୍ଗଳପୁର ଏକ ସ୍ଥାନ। ସେଠାରେ ଏଭଳି କିଛି ଘଟଣା ଘଟିଛି ଯାହାର ଭିତିରି କଥା ଡାଏରୀରେ ହିଁ ରହିଛି। ହଁ, ଏଭଳି ରହସ୍ୟ ରୋମାଞ୍ଚଭରା ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମଙ୍ଗଳପୁର ଡାଏରୀ'। ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରମୋଦ ସ୍ୱାଇଁ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର। ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ତୃପ୍ତି ମିରାମ୍ବିକା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦୟ ଗୁରୁ, ଶୁଭ୍ରାଂଶୁ ନାୟକ ଏବଂ ରାକ୍ଷୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମରେ ପ୍ରଯୋଜକ ପ୍ରମୋଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା(ପୋଲିସ ସୁପରିଟେନଡେଣ୍ଟ)ରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ।

# କିଆରାଙ୍କ ରୋଲ୍ ମଡେଲ୍

କିଆରା ଆଡଭାନୀ କାହା ଦ୍ୱାରା ଅନୁପ୍ରାଣିତ ହୋଇ ଅଭିନୟକୁ କ୍ୟାରିୟର କରିଥିଲେ ଜାଣନ୍ତି ? ସେ ହେଉଛନ୍ତି ପ୍ରିୟଙ୍କା ଚୋପ୍ରା। ଏହା ପଛରେ ଏକ କାହାଣୀ ମଧ୍ୟ ରହିଛି। କିଆରାଙ୍କ ପ୍ରକୃତ ନାମ ଥିଲା ଆଲିଆ ଆଡଭାନୀ। ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତାଙ୍କର ନାମକୁ ପରିବର୍ତ୍ତନ କରି କିଆରା ରଖିଥିଲେ। ଆଉ ଏଥିପାଇଁ ସଲମାନ ଖାନ୍ ତାଙ୍କୁ ବେଶୀ ଉତ୍ସାହିତ କରିଥିଲେ। କଥା କ'ଣ କି ପ୍ରିୟଙ୍କାଙ୍କ ଅଭିନୀତ 'ଅଞ୍ଜାନା ଅଞ୍ଜାନୀ'ରେ ପ୍ରିୟଙ୍କାଙ୍କ ଚରିତ୍ରର ନାମ ଥିଲା କିଆରା। ବାସ୍, ଏହାକୁ ନିଜର ନୂଆ ନାମ ଭାବରେ ସିଲେକ୍ଟ କରିଥିଲେ କିଆରା। ଏ ନେଇ ସେ କହନ୍ତି, ''ସତ କଥା କହିବାକୁ ଗଲେ ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୟ ମୋତେ ବେଶୀ ଅନୁପ୍ରାଣିତ କରିଛି। ସେ ଅଭିନୟ କରିଥିବା ପ୍ରାୟ ସିନେମା ମୁଁ ଦେଖିଛି ଆଉ ତାଙ୍କଠାରୁ ପ୍ରେରଣା ପାଇ ଅଭିନେତ୍ରୀ ହେବାକୁ ଅନୁପ୍ରାଣିତ ହୋଇଛି। ଏକଦା ତାଙ୍କ ସହ ମୋର ଭେଟ ହୋଇଥିଲା। ସେ ଅଭିନୟକୁ ନେଇ ଦେଇଥିବା କେତୋଟି ଟିପ୍ସ ମୋ ପାଇଁ ବେଶ୍ ସହାୟକ ହୋଇଛି।'' କିଆରାଙ୍କୁ ଯେତେବେଳେ ମାତ୍ର ୮ ମାସ ହୋଇଥିଲା, ଏକ ବେବି ପାଉଡରର ବିଜ୍ଞାପନରେ କାମ କରିଥିଲେ। ଏହାବାଦ ଅଭିନୟ କରିବା ପୂର୍ବରୁ ସେ କିଛି ମାସ ମୁମ୍ବାଇସ୍ଥିତ ଏକ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ ବି କାମ କରିଥିଲେ।


କିଆରା

# ସ୍ପେଶାଲ ଉପହାର

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଆଗଧାଡ଼ିର ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ। କଥା କ'ଣ କି ନିକଟରେ ସେ ନିଜର ୩୬ତମ ଜନ୍ମଦିନ ପାଳନ କରିଛନ୍ତି। ଆଉ ଏଥିରେ ତାଙ୍କୁ ଏକ ସ୍ପେଶାଲ ଉପହାର ମିଳିଛି। ତାହା କ'ଣ ଜାଣନ୍ତି ? ଗତ ସପ୍ତାହରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ସବୁଠାରୁ ଖାସ୍ କଥା ହେଲା ଏଥିରେ ତାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ। ଏ ବିଷୟରେ ତମନ୍ନା କହନ୍ତି, '' ମୋ ଜନ୍ମଦିନ ପାର୍ଟିକୁ ଜଣେ ପ୍ରଯୋଜକ ଆସିଥିଲେ। ସେ ଯେ ମୋ ପାଇଁ ଏଭଳି ଏକ ସରପ୍ରାଇଜ ରଖିଥିଲେ ତାହା ଜାଣିବା ପରେ ଖୁସିରେ ଉଚ୍ଛୁଳି ପଡିଲି। ଏହି ନୂଆ ଅଫରରେ ମୋତେ ଡବଲ ରୋଲ ମିଳିଛି। ଯେହେତୁ ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲିଛି ଆଉ କାହାଣୀ ଶେଷ ପର୍ଯ୍ୟାୟରେ ଅଛି ତେଣୁ ଏବେ ମୋ ଭୂମିକା ବିଷୟରେ ସବିଶେଷ ସୂଚନା ଦେବା ଠିକ୍ ହେବ ନାହିଁ। କିଛି ସପ୍ତାହ ଭିତରେ ଏହାର ଟାଇଟଲ ମଧ୍ୟ ଫାଇନାଲ ହୋଇଯିବ। ତା'ପରେ ମୁଁ ସବୁକଥା ଜଣେଇ ଦେବି।'' ଆଉ ଗୋଟିଏ କଥା ଜାଣନ୍ତି ? ତମନ୍ନା ଗୋଟିଏ ବର୍ଷରେ ହିଁ ତାମିଲ ଏବଂ ହିନ୍ଦୀ ସିନେମାରେ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚାନ୍ଦ ସା ରୋଶନ ଚେହେରା' ଏବଂ ପ୍ରଥମ ତାମିଲ ଫିଲ୍ମ ଥିଲା 'ଶ୍ରୀ'। ଉଭୟ ଫିଲ୍ମ ୨୦୦୫ରେ ହିଁ ରିଲିଜ ହୋଇଥିଲା।


ତମନ୍ନା

# ପାପା ମୋ କ୍ରାଇସିସ ମ୍ୟାନେଜର

ଅନନ୍ୟା ପାଣ୍ଡେ କେବେ କିଛି ସମସ୍ୟାର ସମ୍ମୁଖୀନ ହେଲେ ବିଚଳିତ ହୁଅନ୍ତି ନାହିଁ। କାରଣ ଏହାକୁ ସମାଧାନ କରିବାକୁ ତାଙ୍କର ଜଣେ କ୍ରାଇସିସ ମ୍ୟାନେଜର ଅଛନ୍ତି। ଆଉ ସେ କିଏ ଜାଣନ୍ତି ? ତାଙ୍କର ପାପା ତଥା ଅଭିନେତା ଚଙ୍କି ପାଣ୍ଡେ। କେବଳ ସମସ୍ୟା ନୁହେଁ, ତାଙ୍କୁ ମିଳୁଥିବା ପ୍ରତିଟି ଅଫର ବିଷୟରେ ସେ ଚଙ୍କିଙ୍କ ସହ ମାରାଥନ ଆଲୋଚନା କରନ୍ତି। ତା'ପରେ ଯାଇ ଅଫରଟିକୁ ଗ୍ରହଣ କରନ୍ତି, ନ ହେଲେ ହାତଛଡା କରନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, ''ମୁଁ ଯଦି କୌଣସି ସମସ୍ୟାର ସମ୍ମୁଖୀନ ହୁଏ, ତାକୁ ନେଇ ଜମାରୁ ଟେନସନ ହୁଏନା। କାରଣ ତା'ର ସମାଧାନ କରିବାକୁ ମୁଁ ସବୁବେଳେ ଜଣଙ୍କର ସାହାଯ୍ୟ ନେଇଥାଏ। ସେ ହେଲେ ମୋ ପାପା। ତାଙ୍କ ସହ ମୁଁ ସବୁ କଥା ସେୟାର କରେ। ଏପରି କି କୌଣସି ସିନେମା ସାଇନ୍ କରିବା ପୂର୍ବରୁ ତାଙ୍କୁ ପଚାରି ବୁଝିନିଏ। ମୋ ସିନେମାର ଡାଏଲଗ୍ ଏବଂ ଗୀତ ବିଷୟରେ ମଧ୍ୟ ତାଙ୍କ ସହ ଆଲୋଚନା କରେ। ଏପର୍ଯ୍ୟନ୍ତ ମୋ ପାଖରେ ସେ ଛାଇ ହୋଇ ଠିଆ ହୋଇଛନ୍ତି ଏବଂ ତାଙ୍କର ଦିଗଦର୍ଶନରୁ ହିଁ ମୁଁ ଆକ୍ଟିଂ କ୍ଷେତ୍ରରେ ଆଗକୁ ଆଗେଇ ପାରିଛି।'' ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରୁ। ଆଉ ଫିଲ୍ମଟି ଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'। ୨୦୨୬ରେ ତାଙ୍କ ଅଭିନୀତ 'ଚାନ୍ଦ ମେରା ଦିଲ୍' ରିଲିଜ ହେବାକୁ ଯାଉଛି।


ଅନନ୍ୟା

# ହାଃ ହାଃ

## ଫିଲିଂସ୍

ପିଣ୍ଟୁ: ଆଗରୁ ଦୋକାନରେ ଲେଖା ଯାଉଥିଲା ‘ଗ୍ରାହକ ଭଗବାନ’ । ସେତେବେଳେ ଦେବତାର ଫିଲିଂସ୍ ଆସୁଥିଲା ।
ମଣ୍ଟୁ: ଆଉ ଏବେ ?
ପିଣ୍ଟୁ: ଏବେ, ଦୋକାନରେ ଲେଖା ଯାଉଛି– ‘ଆପଣ କ୍ୟାମେରା ନଜରରେ ଅଛନ୍ତି’ । ଯାହାକି ଚୋରର ଫିଲିଂସ୍ ଦେଉଛି ।

## ରବ୍

ପ୍ରେମିକ ପ୍ରେମିକାକୁ: ତୁଝ ମେଁ ରବ୍ ଦିଖ୍‌ତା ହୈ... ୟାରା ମେଁ କ୍ୟା କରୁଁ.. ?
ପ୍ରେମିକା: କରିବ ଆଉ କ’ଣ ? ସବୁଦିନ ଟିକେ ଟିକେ ମୁଣ୍ଡିଆ ମାରି ୫୦୦ଟଙ୍କା ଅର୍ପଣ କରିଦେବ ।

## ମଜା

ଗୋଟେ ମୋଟା ସୁସ୍ଥ ସବଳ ପିଲା ଏକ ପତଳା ପିଲାକୁ ଚାପୁଡ଼ା ମାରିଲା ।
ପତଳା ପିଲା କାନ୍ଦିକାନ୍ଦି– ଏ ଚାପୁଡ଼ା ରାଗିକି ମାରିଲୁ ନା ମଜାରେ ?
ମୋଟା ପିଲା ରାଗିକି– ରାଗରେ ମାରିଲି ।
ପତଳା ପିଲା ଡରିଯାଇ– ତା’ହେଲେ ଠିକ୍ ଅଛି । ମତେ ମଜା ଜମାରୁ ପସନ୍ଦ ନୁହେଁ ।

## କପଡ଼ା

ଶିକ୍ଷକ ପପୁକୁ– କପଡ଼ା କାହାକୁ କୁହନ୍ତି ?
ପପୁ– ମୁଁ ଜାଣିନି ।
ଶିକ୍ଷକ– କ’ଣ କହିଲୁ ଜାଣିନୁ ? ତୁ ପିନ୍ଧିଥିବା ଏଇ ହାଫ୍ ପ୍ୟାଣ୍ଟଟା ତା’ହେଲେ କୋଉଥିରେ ତିଆରି ?
ପପୁ: ବାପାଙ୍କ ପୁରୁଣା ଫୁଲ୍ ପ୍ୟାଣ୍ଟରେ ତିଆରି ହେଇଛି ।




# ରଥିପୁର କଟକ

ଖୋର୍ଦ୍ଧା ରୋଡ୍ (ଜଟଣୀ)ରେଳ ଷ୍ଟେଶନଠାରୁ ମାତ୍ର ୨କି.ମି. ଦୂର ଉତ୍ତର– ପୂର୍ବ ଦିଗରେ ଧ୍ୱଂସ ପାଇଥିବା ଏକ ପ୍ରାଚୀନ ଦୁର୍ଗ ରହିଛି । ଉତ୍କଳୀୟମାନଙ୍କ ବୀରତ୍ୱର ମୂକସାକ୍ଷୀ ରୂପେ ସ୍ମୃତି ବହନ କରିଥିବା ଏହି ଦୁର୍ଗ ରଥିପୁରଗଡ଼ ବା ରଥିପୁର କଟକ ଭାବେ ପରିଚିତ । ଏବେ ଏହା ରଥିପୁର ନାଁରେ ପରିଚିତ । ଅତୀତରେ ଏଠାରେ ଘଞ୍ଚ ଅରଣ୍ୟ ଥିଲା, ଯେଉଁଠାରେ ଗଣ୍ଡା ରହୁଥିଲେ । ଏହି ଦୁର୍ଗ ପରିସରରେ ଶତାଧିକ ପତିତ କୂପ, ମାଟି ସ୍ତୂପ ଓ ମନ୍ଦିର ବି ରହିଥିଲା । ଐତିହାସିକ ପୃଷ୍ଠ ଭୂମିରୁ ଜଣାପଡ଼େ –ଗଜପତି ପ୍ରତାପ ରୁଦ୍ରଦେବଙ୍କ ସମୟରେ ରଥିପୁର କଟକ ତାଙ୍କର ସ୍ୱତନ୍ତ୍ର ନଅର ରୂପେ ବ୍ୟବହୃତ ହେଉଥିଲା । ଗଜପତି ରାମଚନ୍ଦ୍ର ଦେବ(ଖ୍ରୀ ୧୫୬୮–୧୬୦୦)ଙ୍କ ଶାସନରେ ଖୋର୍ଦ୍ଧା ରାଜ୍ୟରେ ୭୧ଟି ଦୁର୍ଗ ଥିବାର ଐତିହାସିକ କେଦାରନାଥ ମହାପାତ୍ରଙ୍କ ‘ଖୁରୁଧା ଇତିହାସ’ରୁ ଜଣାପଡ଼େ । ପୁଣି ‘ଦାର୍ଢ୍ୟତା ଭକ୍ତି’ର ଭକ୍ତ ବନ୍ଧୁ ମହାନ୍ତିଙ୍କ ଉପାଖ୍ୟାନରୁ ଏହି ଗଡ଼ ସମ୍ପର୍କରେ ଜଣାପଡ଼େ । ଏହା ଇତିହାସ ଓ ମାଦଳାପାଞ୍ଜି ଦ୍ୱାରା ସମର୍ଥିତ । ସେତେବେଳେ ଏହି ଦୁର୍ଗର ପାଇକମାନେ ସେମାନଙ୍କର ବୀରତ୍ୱ ପାଇଁ ଖ୍ୟାତି ଅର୍ଜନ କରିଥିଲେ । ରଥିପୁରରେ ଦୁର୍ଗ ଦେବୀ ଖଣ୍ଡୁଆଳଙ୍କ ମୂର୍ତ୍ତି ରହିଛି । ଏହା ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ମନେହୁଏ । ଅଧୁନା ଦୁର୍ଗର ଧ୍ୱଂସାବଶେଷ ରଥିପୁରର ପଶ୍ଚିମ –ଉତ୍ତର ପ୍ରାନ୍ତରେ ପରିଦୃଷ୍ଟ । ଏହି ଦୁର୍ଗର ଧ୍ୱଂସାବଶେଷରୁ ଜଣାପଡ଼େ ଏହା ସୁପରିକଳ୍ପିତ ଯୋଜନା ଅନୁଯାୟୀ ନିର୍ମିତ ହୋଇଥିଲା । ଦୁର୍ଗର ଲମ୍ବ ଓ ପ୍ରସ୍ଥ ୭୫୦ଫୁଟ । ଏହାର ଚତୁର୍ଦ୍ଦିଗ ୩୫ଫୁଟ ଓସାର । ଏହା ୧୩ରୁ୧୫ଫୁଟ ଉଚ୍ଚତାର ମାଟି ପ୍ରାଚୀର ଦ୍ୱାରା ପରିବେଷ୍ଟିତ ଥିଲା । ଏହି ମାଟି ପ୍ରାଚୀର ଭୂମି ପତ୍ତନରେ ୩୫ଫୁଟ ଓସାର ଓ କେତେକ ସ୍ଥାନରେ କ୍ଷୟପ୍ରାପ୍ତ ପ୍ରାଚୀର ଉଚ୍ଚତା ୧୩ଫୁଟରୁ ୧୫ଫୁଟ ଥିଲା । ଦୁର୍ଗର ଚତୁର୍ଦ୍ଦିଗରେ ଚାରୋଟି ପ୍ରବେଶ ପଥ ଓ ଚାରିକୋଣରେ ମଧ୍ୟ ୪ ଟି ନିରୀକ୍ଷଣ ଗମ୍ବୁଜ ଥିଲା । ଏହାର ଉତ୍ତରକୁ ସଂଲଗ୍ନ ୨.୨୪୫ଏକର ବିଶିଷ୍ଟ ମାଜଣା ପୁଷ୍କରିଣୀ ଓ ଦୁର୍ଗ ପ୍ରାଚୀରର ଦକ୍ଷିଣକୁ ମାଙ୍କଡ଼ାପଥରରେ ଖୋଦିତ ହସ୍ତୀ ତଥା ସ୍ନାନ ପୁଷ୍କରିଣୀ ଅଦ୍ୟାବଧି ରହିଛି । ସ୍ତୂପଗୁଡ଼ିକ ମାଙ୍କଡ଼ା ପଥରରେ ନିର୍ମିତ । ଭୂମି ପତ୍ତନ ଭିତ୍ତିପ୍ରସ୍ତର ସମ୍ପ୍ରତି ବିଦ୍ୟମାନ । ଧ୍ୱଂସପ୍ରାପ୍ତ ଦୁର୍ଗର ପରିସର ମଧ୍ୟରେ ୧୦ଟି ସ୍ତୂପ ରହିଛି । ଓଡ଼ିଶାର ବିଶିଷ୍ଟ ଐତିହାସିକ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ନିକଟରେ ରହିଥିବା ତେଲୁଗୁ ପାଣ୍ଡୁଲିପି ବାରବାଟୀ କୈଫିୟତ ଖଣ୍ଡର ୧୯ ପୃଷ୍ଠାରେ ରଥିପୁର କଟକ ସମ୍ବନ୍ଧରେ ଉଲ୍ଲେଖ ରହିଛି । – ଏହି ଦୁର୍ଗ ମଧରେ କଲ୍ୟାଣ ମନ୍ଦିର, ପୂର୍ବରେ ଲକ୍ଷ୍ମୀ ବିଳାସ ,ଦକ୍ଷିଣରେ ଗୌରୀବିଳାସ, ଉତ୍ତରରେ ଗଗନ ମହଲ, ପଶ୍ଚିମରେ ନଗର ,ମନ୍ଦିର (ଅନ୍ତପୁର) ରହିଥିଲ । ଦୁର୍ଗ ମଧ୍ୟରେ ଏକାଧିକ ମହଲ, ହସ୍ତୀଶାଳା,ରାଜ ସେବକ ଭବନ, ଭୋଜନଶାଳା, ଧାନମାପ ସ୍ଥାନ, ଯୁଦ୍ଧାସ୍ତ୍ର ଆଦି ଥିଲା । ଦୁର୍ଗର ଦକ୍ଷିଣରେ ଅଶ୍ୱଶାଳାରେ ବହୁ ସଂଖ୍ୟକ ଅଶ୍ୱ ଥିଲେ । ହସ୍ତୀଶାଳାରେ ଶତାଧିକ ଯୁଦ୍ଧ ହସ୍ତୀ ରହିଥିଲେ । ତେବେ ରଥିପୁର କଟକ ପ୍ରତିଷ୍ଠା କାଳରୁ କଳାମୁଗୁନି ପ୍ରସ୍ତରରେ ଦୁର୍ଗଦେବୀ ଖଣ୍ଡୁଆଳଙ୍କ ମୂର୍ତ୍ତି ଓ ମନ୍ଦିର ଏକତ୍ର ଖୋଦିତ ହୋଇଥିଲା । ମୁକ୍ତ ଆକାଶ ଅଥବା ବଟବୃକ୍ଷ ମୂଳେ ସ୍ଥାପିତ ହୋଇ ଠାକୁରାଣୀ ପୂଜା ପାଇ ଆସୁଥିଲେ । ଏହା ୩୬ଇଞ୍ଚ ଓ ୨୪ଇଞ୍ଚ ଗୋଲାଇ ବିଶିଷ୍ଟ । ଗଜପତି ଦିବ୍ୟସିଂହ ଦେବ(ପ୍ରଥମ) ଙ୍କ ଦ୍ୱାରା ଦୁର୍ଗଦେବୀ ନିର୍ମିତ ପୀଢ଼ ମନ୍ଦିରରେ ୧୬୬୮ଖ୍ରୀଷ୍ଟାବ୍ଦରୁ ପୂଜା ପାଇ ଆସୁଛନ୍ତି । ନବାବ ତକି ଖାଁଙ୍କ ଆକ୍ରମଣ ଫଳରେ ପ୍ରାଚୀନ ରଥିପୁର କଟକ ଧ୍ୱଂସ ପାଇସାରିଥିଲେ ମଧ୍ୟ ଦୁର୍ଗଦେବୀ ଖଣ୍ଡୁଆଳଙ୍କ ମନ୍ଦିର ସେହି ସ୍ଥାନରେ ରହିଛି । ଇତିହାସରୁ ଜଣାପଡ଼େ ୧୬୮୮ଖ୍ରୀ.ରେ ରଥିପୁର କଟକର ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ମହାରାଜା ଦିବ୍ୟସିଂହ ଦେବ ନିର୍ମାଣ କରିଥିଲେ । ଅନ୍ୟପକ୍ଷେ ବିଦେଶୀଶତ୍ରୁଙ୍କଠାରୁ ମୁକୁନ୍ଦଦେବ ମୁକ୍ତ ହେବାପରେ ଖୋର୍ଦ୍ଧା ପରିତ୍ୟାଗକରି ରଥିପୁରରେ ତାଙ୍କର ରାଜଧାନୀ କଲେ । ପ୍ରତାପ ରୁଦ୍ରଦେବଙ୍କ ସମୟରେ ନିର୍ମିତ ରଥିପୁର ଦୁର୍ଗରେ ସଂସ୍କାରକରି ମୁକୁନ୍ଦଦେବ ପୁଣି ଥରେ ଅଭିଷିକ୍ତ ହୋଇ ସେଠାରେ ରହିଲେ । ମୁକୁନ୍ଦ ଦେବ ଅବସ୍ଥାନ କରୁଥିବା ସମୟରେ ତାଙ୍କ ସାଙ୍ଗରେ ସାକ୍ଷିଗୋପାଳଙ୍କ ମୂର୍ତ୍ତିଙ୍କୁ ଅବସ୍ଥାପିତ କରାଇଥିଲେ ସେଠାରେ ଗୋଟିଏ ମନ୍ଦିର ନିର୍ମାଣ କରାଇ ପୂଜା କରାଇଲେ । ପରବର୍ତ୍ତୀ ସମୟରେ ତକି ଖାଁ ଆକ୍ରମଣ ଯୋଗୁ ଚିଲିକା କୂଳବର୍ତ୍ତୀ ଭୂଷଣ୍ଡପୁର ନିକଟସ୍ଥ କନ୍ତଳବାଇ ଗ୍ରାମକୁ ସାକ୍ଷିଗୋପାଳଙ୍କ ମୂର୍ତ୍ତିଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଅଧୁନା ଏହି ମୂର୍ତ୍ତି ସାକ୍ଷିଗୋପାଳଠାରେ ପୂଜିତ । ମୁକୁନ୍ଦଦେବଙ୍କ ପୈତୃକ ରାଜଧାନୀ ଖୋର୍ଦ୍ଧା ଦୁର୍ଗ, ସୁଉଚ୍ଚ ବରୁଣେଇ ପାହାଡ଼ ପାଦଦେଶର ଘୋର ଅରଣ୍ୟ ମଧ୍ୟରେ ଅବସ୍ଥିତ ଥାଇ ଏହାର ଦକ୍ଷିଣ –ପୂର୍ବରେ ଦୟା ନଦୀ । ଦକ୍ଷିଣରେ ଗଡ଼ କାଲୁପଡ଼ା, ଗଡ଼ ମୋଟାରୀ, ଗଡ଼ ଘୋରଡିଆ, ଉତ୍ତରରେ ଆରାଗଡ଼ , ନିଜିଗଡ଼ କୁରୁଖୀ, ରଥିପୁର ଦୁର୍ଗ ପ୍ରଭୃତି ଏହାର ସାହାଯ୍ୟକାରୀ ଦୁର୍ଗ ରୂପେ ଅନତି ଦୂରରେ ଅବସ୍ଥିତ ଥିଲା । ରଥିପୁର କଟକ ସେତେବେଳେ ଖୋର୍ଦ୍ଧାର ମୁଖ୍ୟ ରାଜନୈତିକ ଓ ସାମରିକ କେନ୍ଦ୍ର ଥିଲା । କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଧ୍ୱଂସ ପାଇଥିଲେ ବି ସ୍ମୃତି ସ୍ୱରୂପ ଭାବେ ମାଜଣା ପୋଖରୀ, ମନ୍ଦିର, ପତିତ କୂପ,ମାଟିସ୍ତୂପ ଆଦି ରହିଛି । ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

**–ବନବିହାରୀ, ତଥ୍ୟ ସହାୟତା: କୃପାସିନ୍ଧୁ ବିଶ୍ୱାଳ,**
**ଫଟୋ: ରବିନ୍ଦ୍ର ମହାକୁଡ଼**





# ନୂଆବର୍ଷରେ କୁଆଡ଼େ ବୁଲିବେ

**ନୂଆବର୍ଷକୁ ନେଇ କେତେ ଯୋଜନା ଥାଏ ଲୋକଙ୍କର। କିଏ ପାର୍ଟି, ଫଙ୍କସନ୍‌ର ଆୟୋଜନ କରନ୍ତି ତ ଆଉ କିଏ ପରିବାର ସଙ୍ଗେ ନୂଆ ଜାଗାକୁ ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ଯଦି ନୂଆବର୍ଷ ଅବସରରେ କୁଆଡ଼େ ବୁଲିଯିବାକୁ ଚାହୁଁଥାନ୍ତି, ତା'ହେଲେ କିଛି ବିଶେଷ ସ୍ଥାନ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଉଛି; ଯେଉଁଠିକୁ ବୁଲିଗଲେ କିଛିଟା ଭିନ୍ନ ଅନୁଭୂତି ମିଳିବା ସହ ନୂଆବର୍ଷର ଛୁଟିକୁ ବେଶ୍ ଉପଭୋଗ କରିହେବ...**



ନୂଆବର୍ଷଟି ସୁଖ, ସମୃଦ୍ଧିମୟ ହେଉ ବୋଲି ସମସ୍ତଙ୍କର ଆଶା ଥାଏ। ସେଥିପାଇଁ ଏହାକୁ ସ୍ୱାଗତ କରିବାକୁ ଅନେକ ଯୋଜନା ହୁଏ। ଘରଦ୍ୱାର ସଫାସୁତୁରା କରିବା ସହ ପାର୍ଟି, ଫଙ୍କସନ୍‌ର ଆୟୋଜନ କରାଯାଏ। ଖାଇବା ପିଇବାର ଆସର ଜମେ। ମଜାମଜଲିସ୍ ବି ହୁଏ। କେହି କେହି ତ କୁଆଡ଼େ ବୁଲିଯିବାର ପ୍ଲାନିଂ ମଧ୍ୟ କରିଥାନ୍ତି। ସେଥିପାଇଁ କିଛି ବିଶେଷ ସ୍ଥାନ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଉଛି ; ଯେଉଁଠିକି ବୁଲିଗଲେ ନୂଆବର୍ଷ ଛୁଟିର ଭରପୂର ମଜା ନେଇହେବ।

**✲ ଗୋଆ:** ଏହା ଏମିତି ଏକ ସ୍ଥାନ ଯେଉଁଠିକୁ ବର୍ଷର ଯେ କୌଣସି ସମୟରେ ବୁଲିଗଲେ ବି କିଛିଟା ଭିନ୍ନ ଅନୁଭୂତି ମିଳିଥାଏ। ବିଶେଷକରି ନୂଆବର୍ଷ ଅବସରରେ ଏଠାରେ ଯେଉଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ; ତାହାର ମଜା ସତରେ ବେଶ୍ ନିଆରା ଲାଗେ। ବିଚ୍‌ରେ ବୁଲିବା ସହ ସି-ଫୁଡ୍‌ର ଟେଷ୍ଟ ନେବା ଏଠାରେ ଟିକେ ଅଲଗା ଅନୁଭବ ଦେଇଥାଏ।

**✲ ଉଦୟପୁର:** 'ସିଟି ଅଫ୍ ଲେକ୍ସ' ଭାବେ ପରିଚିତ ରାଜସ୍ଥାନର ଉଦୟପୁରରେ ନୂଆବର୍ଷ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ପର୍ଯ୍ୟଟକ ଏହାର ମଜା ନେବା ସହ ସ୍ଥାନୀୟ ସିଟି ପ୍ୟାଲେସ୍, ଜାଗ୍ ମନ୍ଦିର, ମନ୍‌ସୁନ୍ ପ୍ୟାଲେସ୍, ଜଗଦିଶ୍ ମନ୍ଦିର, ଲେକ୍ ପ୍ୟାଲେସ୍ ଇତ୍ୟାଦି ବୁଲି କିଛିଟା ଭିନ୍ନ ଅନୁଭୂତି ସାଉଁଟିପାରିବେ। କେବଳ ଉଦୟପୁର କାହିଁକି 'ଦି ଗୋଲ୍ଡେନ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଜୈସଲ୍‌ମେର୍ ଏବଂ ପିଙ୍କ୍ ସିଟି ଭାବେ ପରିଚିତ ରାଜସ୍ଥାନର ଜୟପୁରକୁ ବି ନୂଆବର୍ଷରେ ବୁଲିଯିବା ଅନ୍ୟତମ ବିକଳ୍ପ ହୋଇପାରେ।

**✲ ଗୋକର୍ଣ୍ଣ:** ଏହା ହେଉଛି କର୍ନାଟକର ଏକ ଟେମ୍ପଲ ଟାଉନ୍। ଏଠାରେ ମହାଦେବଙ୍କର ଏକାଧିକ ମନ୍ଦିର ଥିବାର ଦେଖିବାକୁ ମିଳେ। ଶ୍ରୀ ମହାବଳେଶ୍ୱର ହେଉଛି ଏଠାକାର ଏକ ପ୍ରମୁଖ ଶୈବପୀଠ। ବେଳାଭୂମି ବି ଏଠାରେ ରହିଛି। ଯେଉଁ ପର୍ଯ୍ୟଟକଙ୍କୁ କୋଳାହଳ ବେଶୀ ପସନ୍ଦ ନୁହେଁ, ସେମାନଙ୍କ ପାଇଁ ନୂଆବର୍ଷରେ ବୁଲିଯିବାକୁ ଗୋକର୍ଣ୍ଣ ଏକ ପରଫେକ୍ଟ ଡେଷ୍ଟିନେଶନ ହୋଇପାରେ।


**✲ ମନାଲି:** ଏହା ଏକ ବଜେଟ୍ ଫ୍ରେଣ୍ଡଲି ହଲିଡେ ଡେଷ୍ଟିନେଶନ ଅଟେ। ସେଥିପାଇଁ ନୂଆବର୍ଷ ଅବସରରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୁଏ। ଏହି ସମୟରେ ଏଠାରେ ସ୍ନୋ ଫଲ୍‌ର ମଜା ନେବା ସହ ସ୍କିଂର ଭରପୂର ଆନନ୍ଦ ନେଇପାରିବେ ପର୍ଯ୍ୟଟକ।

**✲ ଦିଲ୍ଲୀ:** ନୂଆବର୍ଷ ଅବସରରେ ଏଠି ମ୍ୟୁଜିକାଲ୍ ନାଇଟ୍‌ର ଆୟୋଜନ କରାଯାଇଥାଏ। ପର୍ଯ୍ୟଟକ ଏହାର ଭରପୂର ମଜା ନେବା ସହ ଏଠାରେ ଥିବା ଅନେକ ଧାର୍ମିକ ସ୍ଥଳ, ଐତିହାସିକ ପର୍ଯ୍ୟଟନସ୍ଥଳୀ ତଥା ବହୁ ପୁରାତନ ସଂଗ୍ରହାଳୟମାନ ଦେଖିବାକୁ ମଧ୍ୟ ଯାଇପାରିବେ। ବିଶେଷକରି ଏଠାକାର ଲାଲ୍‌କିଲା, କୁତବମିନାର୍, ଲୋଟସ୍ ଟେମ୍ପୁଲ, ଇଣ୍ଡିଆ ଗେଟ୍ ଇତ୍ୟାଦିକୁ ବୁଲି ଦେଖିବା ସହ ଅନେକ ଅଜଣା ତଥ୍ୟ ମଧ୍ୟ ଜାଣିପାରିବେ। ନୂଆବର୍ଷ ଅବସରରେ ଦିଲ୍ଲୀରେ ଶପିଂ କରିବା ସହ ବିଭିନ୍ନ ସୁସ୍ୱାଦୁ ଭୋଜନର ମଜା ବି ନେଇପାରିବେ।

**✲ ପୋନମୁଡ଼ି:** କେରଳର ଥିରୁଭାନନ୍ତପୁରମ୍ ଜିଲାରେ ଅବସ୍ଥିତ ପୋନମୁଡ଼ିର ପ୍ରାକୃତିକ ପରିବେଶ ଖୁବ୍ ଆକର୍ଷଣୀୟ। ଜଙ୍ଗଲ ପରିବେଷ୍ଟିତ ଏହି ପାହାଡ଼ିଆ ସ୍ଥାନଟିରେ ପର୍ଯ୍ୟଟକ ଅନେକ ଜଳପ୍ରପାତ, ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଏବଂ ଶତାଧିକ ପ୍ରଜାତିର ପ୍ରଜାପତି ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ ଏହାର ଆଖପାଖ ଅଞ୍ଚଳରେ ଏମିତି ବି କେତେକ ପର୍ଯ୍ୟଟନସ୍ଥଳୀ ଅଛି, ଯାହାର ଆକର୍ଷଣରେ ଆକର୍ଷିତ ହୋଇ ପର୍ଯ୍ୟଟକ ଏଠାରେ ନୂଆବର୍ଷର ଛୁଟିଦିକୁ ବେଶ୍ ଆନନ୍ଦରେ କଟାଇପାରିବେ।

ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ କେରଳ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ବେଙ୍ଗାଲୁରୁ, କସୌଲି, ଲାକ୍ଷାଦ୍ୱୀପ, ଉଟି ଭଳି ସ୍ଥାନକୁ ବି ନୂଆବର୍ଷ ଅବସରରେ ବୁଲଯାଇ ଅନେକ ନିଆରା ଅନୁଭୂତି ସାଉଁଟିପାରିବେ।









# ଟ୍ରେନ୍‌ରେ ସିଟ୍ ବେଲ୍ଟ କାହିଁକି ନ ଥାଏ



କାର୍ ହେଉ କି ଏରୋପ୍ଲେନ୍‌ରେ ଯାତ୍ରା କରିବାବେଳେ ସୁରକ୍ଷା ଦୃଷ୍ଟିରୁ ସିଟ୍ ବେଲ୍ଟ ବାନ୍ଧିବାକୁ କୁହାଯାଏ । କିଛି ସ୍ଥାନରେ ବସ୍‌ରେ ବି ସିଟ୍‌ବେଲ୍ଟ ଉପଲବ୍ଧ ହେଲାଣି । ହେଲେ କେବେ ଭାବିଛନ୍ତି କି ଟ୍ରେନରେ ସିଟ୍ ବେଲ୍ଟ ବ୍ୟବସ୍ଥା କାହିଁକି ନ ଥାଏ? ଜାଣନ୍ତୁ ସେ ସମ୍ପର୍କରେ...

ପାସେଞ୍ଜର ଟ୍ରେନ ହେଉ କି ଏକ୍ସପ୍ରେସ୍, କମ୍ ଦୂରତାର ଟ୍ରେନ ହେଉ ବା ଲମ୍ବା ଦୂରତାର ଟ୍ରେନ କୌଣସିଥିରେ ସିଟ୍ ବେଲ୍ଟ ନ ଥାଏ । କାର୍‌ଠାରୁ ଦ୍ରୁତଗତିରେ ଟ୍ରେନ ଯାଏ । ଅଥଚ ଟ୍ରେନରେ ସିଟ୍‌ବେଲ୍ଟ ନ ଥାଏ । ହେଲେ କାର୍‌ରେ ସିଟ୍ ବେଲ୍ଟ ଥାଏ ଓ ତାକୁ ବାନ୍ଧିବା ବାଧ୍ୟତାମୂଳକ ମଧ୍ୟ । ତେଣୁ ପ୍ରଶ୍ନ ଉଠେ ଟ୍ରେନରେ ସିଟ୍ ବେଲ୍ଟ ନ ଥାଏ କାହିଁକି ?

କାର୍‌ରେ ସିଟ୍ ବେଲ୍ଟର ଆବଶ୍ୟକତା ଏଇଥିପାଇଁ ରହିଛି ଯେ, ଏହି ବାହନ ଦ୍ରୁତ ଗତିରେ ଯାଉ ଯାଉ ବେଳେବେଳେ ହଠାତ ଅଟକିବା ଓ ଧକ୍କା ହେବାର ଆଶଙ୍କା ଥାଏ । ଅନ୍ୟପକ୍ଷେ





ଉଡାଜାହାଜରେ ଅସ୍ଥିରତା ତଥା ଟର୍ବୁଲାନ୍ସ ସ୍ଥିତି ବେଳେବେଳେ ଉପୁଜିପାରେ । ଏଭଳି ସମୟରେ ଯାତ୍ରୀଙ୍କୁ ଗମ୍ଭୀର କ୍ଷତ ପହଞ୍ଚିବାରୁ ରକ୍ଷା କରିବା ଲାଗି ସିଟ୍ ବେଲ୍ଟ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ରିଡର୍ସ ଡାଇଜେଷ୍ଟରେ ପରିବହନ ସୁରକ୍ଷା ବିଶେଷଜ୍ଞ ଥମାସ୍ ବାର୍ଥ ଏ ସମ୍ପର୍କରେ ଗଭୀର ବିବରଣୀ ଦେଇ କହିଛନ୍ତି ଯେ, 'ଟ୍ରେନରେ ସିଟ୍ ବେଲ୍ଟ ନ ଥିବାର କାରଣ ହେଉଛି କି ଏହାର ଆବଶ୍ୟକତା ହିଁ ପଡ଼େନି । ଅର୍ଥାତ୍ ଟ୍ରେନର ପରିବେଶ ଏତେ ନିୟନ୍ତ୍ରିତ ଥାଏ ଯେ, ସାମାନ୍ୟ ସ୍ଥିତିରେ ସିଟ୍ ବେଲ୍ଟର ଆବଶ୍ୟକତା ପଡ଼ି ନ ଥାଏ । ଟ୍ରେନ ଏକ ନିୟନ୍ତ୍ରିତ ଓ ସ୍ଥିର ମାର୍ଗ ତଥା ରେଳଧାରଣା ଉପରେ ଚାଲିଥାଏ । ଟ୍ରେନର ହଠାତ ଅଟକିବା ଅବା ଧକ୍କା ହେବାର ଆଶଙ୍କା କାର୍ ତୁଳନାରେ କମ୍ । ଅର୍ଥାତ୍ ଟ୍ରେନ ହଠାତ ଅଟକି ନ ଥାଏ । ଏହାର ଅଟକିବା ଧୀରେ ଧୀରେ ଓ ନିୟନ୍ତ୍ରିତ ଭାବେ ହୋଇଥାଏ । ତା'ର ଡ୍ରାଇଭର୍ ତଥା ଲୋକୋ ପାଇଲଟ୍ ତାଲିମପ୍ରାପ୍ତ ହୋଇଥାନ୍ତି । ଟ୍ରେନକୁ ଭଲ ଭାବେ ଚଳାଇବା ଜାଣିଥାନ୍ତି । ଟ୍ରେନର ଗତି ଓ ବଗିର ଡିଜାଇନ୍ ମଧ୍ୟ ଏଭଳି ଭାବେ ହୋଇଥାଏ କି ସାମାନ୍ୟ ପରିସ୍ଥିତିରେ ଯାତ୍ରୀ ସୁରକ୍ଷିତ ରୁହନ୍ତି । ତା'ସହ ଟ୍ରେନରେ ପର୍ଯ୍ୟାପ୍ତ ସ୍ଥାନ ଥାଏ, ଯଦ୍ୱାରା କି ସେମାନେ ଆରାମରେ ବସି ପାରନ୍ତି ଓ ଛୋଟ ଦୁର୍ଘଟଣାରେ ସମ୍ଭାଳି ଯାଆନ୍ତି । ଟ୍ରେନରେ ବହୁତ ବଡ଼ ସଂଖ୍ୟାରେ ଯାତ୍ରୀ ଓ କ୍ୟାରେଜ ଷ୍ଟ୍ରକ୍ଟର ଥାଏ । ଏଥିପାଇଁ କୌଣସି ଧକ୍କାରେ ଯାତ୍ରୀଙ୍କ ଉପରେ ଲାଗୁ ହେଉଥିବା ଝଟ୍‌କା କାର୍ ଭଳି ହଠାତ୍ ତୀବ୍ର ହୋଇ ନ ଥାଏ । ଟ୍ରେନରେ ସବୁ ଯାତ୍ରୀ ଭିନ୍ନ ଭିନ୍ନ ସ୍ଥାନ ଭିନ୍ନ ଭିନ୍ନ ପ୍ରକାରରେ ଥାଆନ୍ତି । ଯଦି କିଛି ଯାତ୍ରୀ ସିଟ୍ ବେଲ୍ଟ ବାନ୍ଧନ୍ତି ଓ ଅନ୍ୟମାନେ ନ ବାନ୍ଧନ୍ତି ତେବେ ଧକ୍କା ସମୟରେ ବେଲ୍ଟ ପିନ୍ଧି ନ ଥିବା ଯାତ୍ରୀ ବେଲ୍ଟ ବାନ୍ଧିଥିବାଙ୍କ ଉପରେ ପଡ଼ିବେ । ତେଣୁ ସୁରକ୍ଷା ଅପେକ୍ଷା ବେଲ୍ଟ ବିପଦ ବଢ଼ାଇପାରେ । ଅନ୍ୟପକ୍ଷେ ସବୁ ସିଟ୍‌ରେ ବେଲ୍ଟ ଲଗାଇବା ଓ ତାକୁ ଉପଯୋଗରେ ଲଗାଇବା ଅସମ୍ଭବ । ରେଳ କର୍ତ୍ତୃପକ୍ଷ ବି ସମସ୍ତଙ୍କ ଉପରେ ନଜର ରଖିବା ସମ୍ଭବ ନୁହେଁ ।

**ଟ୍ରେନ୍‌ରେ କ୍ରାଶ୍ ଫୋର୍ସ କମ୍ ଥାଏ:** ବିଶେଷଜ୍ଞ କୁହନ୍ତି ଯେ, କୌଣସି ବାହନର ଧକ୍କାର ପ୍ରଭାବ ଏହି କଥା ଉପରେ ନିର୍ଭର କରିଥାଏ ଯେ, ତାହା କେତେ ଦ୍ରୁତ ଗତିରେ ଅଟକିଥାଏ । କାର୍ ଯଦି କୌଣସି କାନ୍ଥରେ ପିଟି ହୁଏ ତେବେ ତୁରନ୍ତ ଅଟକିଯାଏ । ଆଉ ଜୋର୍‌ଦାର ଧକ୍କା ଅନୁଭୂତ ହୁଏ । ହେଲେ ଏହାର ବିପରୀତରେ ଟ୍ରେନ ଭାରି ଓ ଲମ୍ବା ହୋଇଥାଏ । ଫଳରେ ଛୋଟ ଦୁର୍ଘଟଣା ହେଲେ ଟ୍ରେନ୍‌ରେ ଏହାର ଝଟ୍‌କା କମ୍ ଅନୁଭୂତ ହୁଏ । ବଡ଼ ଧକ୍କାରେ ବି ସବୁ ବଗି ପ୍ରଭାବିତ ହୋଇ ନ ଥାଏ । କିଛି ବଗି ପ୍ରଭାବିତ ହୁଏ । ଅର୍ଥାତ୍ ଯାତ୍ରୀଙ୍କ ଉପରେ ଟ୍ରେନର କ୍ରାଶ୍ ଫୋର୍ସର ପ୍ରଭାବ କାର୍ ତୁଳନାରେ କମ୍ ପଡ଼ିଥାଏ ।

# ମହୁ ତିଆରି କରୁଥିବା ଜନ୍ଦା



ମହୁମାଛି ମହୁ ତିଆରି କରନ୍ତି ବୋଲି ସମସ୍ତେ ଜାଣନ୍ତି । ତେବେ ଜାଣନ୍ତି କି କେବଳ ମହୁମାଛି ନୁହେଁ ଆଉ ଏକ ପ୍ରାଣୀ ବି ମହୁ ତିଆରି କରିଥାଏ, ଯାହା ସମ୍ପର୍କରେ ପ୍ରାୟ କେହି ଜାଣନ୍ତି ନାହିଁ । ଏହି ପ୍ରାଣୀଟି ହେଉଛି ଏକ ପ୍ରକାରର ଜନ୍ଦା । ହଁ ଏକପ୍ରକାରର ଜନ୍ଦା ମହୁମାଛି ଭଳି ମହୁ ତିଆରି କରନ୍ତି । 'ହନିପଟ୍ ଆଣ୍ଟସ୍' ନାମକ ଏହି ଜନ୍ଦା ପ୍ରକୃତିର ଏକ ବିସ୍ମୟ । ଏହି ପ୍ରଜାତିର ଜନ୍ଦା ଖୁବ୍ ବିରଳ । ଏହାର ବୈଜ୍ଞାନିକ ନାମ ହେଉଛି କମାମ୍ପୋନୋଟସ୍ ଇନ୍‌ଫ୍ଲାଟସ୍ । ମହୁମାଛି ଭଳି ମହୁ ତିଆରି କରିବାର କ୍ଷମତା ଥିବାରୁ ଏହାକୁ 'ହନିପଟ୍ ଆଣ୍ଟ' କୁହାଯାଏ । ମହୁମାଛିଙ୍କ ଭଳି ଏମାନେ ବି କଲୋନିରେ ରୁହନ୍ତି । ଫୁଲରୁ ପରାଗକୁ ସଂଗ୍ରହ କରି ଏହି ଜନ୍ଦା ନିଜ ପେଟର ତଳଭାଗରେ ସଂଗ୍ରହ କରି ରଖନ୍ତି । ଜନ୍ଦା ଯେତେ ଅଧିକ ମାତ୍ରାରେ ମହୁ ପେଟରେ ରଖନ୍ତି ପେଟ ସେହି ଆକାରରେ ଫୁଲିଥାଏ । ବେଳେବେଳେ ପେଟରେ ଏତେ ମହୁ ସଂଗ୍ରହ କରି ନିଅନ୍ତି ଯେ, ଚାଲିବୁଲି ପାରନ୍ତି ନାହିଁ । ଆଉ ଛାତରେ ଲାଖି ଝୁଲି ରହନ୍ତି । ଅନେକ ସମୟରେ ତ ପେଟରେ ଏତେ ମହୁ ସଂଗ୍ରହ କରି ଦିଅନ୍ତି ଯେ, ପେଟ ଫାଟିଯାଏ । ଏହି ପ୍ରଜାତିର ଜନ୍ଦା ଆମେରିକା, ଅଷ୍ଟ୍ରେଲିଆ, ମେକ୍ସିକୋ ଓ ଆଫ୍ରିକା ମହାଦେଶରେ ମିଳନ୍ତି । ଏହି ଜନ୍ଦା ପ୍ରସ୍ତୁତ କରୁଥିବା ମହୁ, ମହୁମାଛି ପ୍ରସ୍ତୁତ କରୁଥିବା ମହୁ ଭଳି ମିଠା କିନ୍ତୁ ସାମାନ୍ୟ ପତଳା ଓ ହାଲ୍‌କା କଷା ହୋଇଥାଏ ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର
# ଚାଲ, ଭାବର ଫୁଲ ଅର୍ପଣ କରିବା

( ଭାଗ- ୧୭ )

ଅଯୋଧ୍ୟାରେ ବିଦ୍ୟାପତି ନାମରେ ଜଣେ ସନ୍ଥ ଥିଲେ । ବହୁବର୍ଷ ତଳର କଥା ଇଏ । ଦିନେ ତାଙ୍କ ପୂଜା ଉପାସନାକୁ ନେଇ ରାଇଜସାରା ଚହଳ ପଡ଼ିଗଲା । ସଭିଙ୍କ ମୁହଁରେ ଗୋଟିଏ ଅଭିଯୋଗ- ସେ କେମିତିଆ ବାବାଜିଟା ମ... ? ଠାକୁରଙ୍କୁ ଫୁଲମାଳ ଦେବା ପୂର୍ବରୁ ନିଜେ ନିଜ ବେକରେ ଆଗ ଫୁଲମାଳ ପକାଇଦେଉଛି । ଲାଗି ହୋଇଥିବା ସେଇ ଫୁଲମାଳକୁ ନିଜ ବେକରୁ କାଢି ତାକୁ ନେଇ ମଠରେ ସ୍ଥାପିତ ହୋଇଥିବା ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିରେ ଲମ୍ବାଇ ଦେଉଛି । ଦେବତାଙ୍କୁ କ'ଣ ଛଡାଫୁଲମାଳ ଦିଅନ୍ତି ? କି ଅଘୋରୀ ବାବାଜିଟା କେଜାଣି ?

ଆଉ ଥୋକେ ଭାବିଲେ- ଏ ବାବାଜିଟି ନିଜକୁ ବଡ଼ ଭକ୍ତ ବୋଲି ଦେଖେଇ ହେଉଛି । ନିଜ ବେକରେ ପଡ଼ିଥିବା ଫୁଲମାଳକୁ ନେଇ କିଏ ଠାକୁରଙ୍କୁ ଅର୍ପଣ କରେ ? ଏ ବାବାଜିକୁ ଦୁର୍ବୁଦ୍ଧି ଦେଖାଦେଲାଣି । ଏହାର ବିନାଶ ଖୁବ୍ କମ୍ ଦିନରେ । ଗୋଟିଏ ଗୋଷ୍ଠୀ କହିଲେ- ବାବାଜିଟା ପାଗଳ ହୋଇଯାଇଛି ବୋଧେ । ଶବରୀ ନିଜେ ଚାଖି ଚାଖି ରଖିଥିବା ଅଇଁଠା ଫଳକୁ ପ୍ରଭୁ ଶ୍ରୀରାମଙ୍କୁ ଦେଇଥିଲା । ଫଳ ଭିତରେ ଖଟା, ମିଠା ଆଉ କଷା ଫଳ ବି ଥାଇପାରେ । ପ୍ରଭୁଙ୍କୁ କେବଳ ମିଠା ଫଳ ଅର୍ପଣ କରିବା ଉଦ୍ଦେଶ୍ୟ ରଖି ଶବରୀ ପ୍ରଥମେ ନିଜେ ଫଳ ଚାଖିଥିଲା । ଶବରୀ ନୀଚ ଜାତିର ଏବଂ ନିରକ୍ଷର ଥିଲା । ଶାସ୍ତ୍ର ପୁରାଣ ପଢି ନ ଥିଲା । ପ୍ରଭୁଙ୍କୁ କିଭଳି ନିଷ୍ଠାପର ଭାବେ ପୂଜାର୍ଚ୍ଚନା କରାଯାଏ, ତା'ର ପଦ୍ଧତି ତାକୁ ବୋଧେ ଜଣା ନ ଥିଲା । ତେଣୁ ସିଏ ତା' ମୁଣ୍ଡକୁ ଜୁଟିଥିବା ଭାବନା ଅନୁସାରେ କାମ କରିଥିଲା । ଆଉ ଏହା ସତ୍ୟ ଯେ, ପ୍ରଭୁ ମଧ୍ୟ ତା' ଉଚ୍ଛିଷ୍ଟ ଫଳକୁ ବେଶ୍ ଆନନ୍ଦର ସହ ଗ୍ରହଣ କରିଥିଲେ । ହେଲେ ଏ ବାବାଜି ନିଜକୁ କ'ଣ ବୋଲି ଭାବୁଛି କି ? ସେ ନିଜକୁ ଶବରୀଠାରୁ ବଡ଼ ଭକ୍ତ ବୋଲି ମନେକରୁଛି ବୋଧେ ? ବିଭିନ୍ନ ସ୍ୱାଦର ଫଳ ଥିବାରୁ ପ୍ରଭୁଙ୍କୁ ଅର୍ପଣ ପାଇଁ ହଁ, ଶବରୀ ଏହାକୁ ଚାଖୁଥିଲା । ହେଲେ ଫୁଲ କିମ୍ବା ଫୁଲମାଳ କ'ଣ ସେଇ ପ୍ରକାରର ? ପ୍ରଭୁଙ୍କୁ ଛଡା ମାଳ ଦେବାର କ'ଣ ଆବଶ୍ୟକତା ଅଛି ? ଅଞ୍ଚଳ ଲୋକ ବା ଅନ୍ୟ ସାଧୁସନ୍ଥଙ୍କ ଏ ଟାହି ଟାପରା ଯଦିଓ ସନ୍ଥ ବିଦ୍ୟାପତିଙ୍କ କାନରେ ପଡୁଥିଲା, ସେ କିନ୍ତୁ ଥିଲେ ବେଶ୍ ନିର୍ବିକାର । ସାଧୁଙ୍କୁ ଭଲ ପାଉଥିବା ଜଣେ ଦି' ଜଣ ଭଦ୍ରବ୍ୟକ୍ତି ଏ କଥା ସାଧୁଙ୍କ ସମ୍ମୁଖରେ ଜିଜ୍ଞାସା ପ୍ରକଟ କରି କହିଲେ- ଆଜ୍ଞା, ଫୁଲହାର ଗୁନ୍ଥି ପ୍ରଥମେ ନିଜେ ପିନ୍ଧି ପରେ ସେଇ ମାଳକୁ ନେଇ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରିବାରୁ ରାଇଜ ସାରା ଲୋକେ ଆପଣଙ୍କ ବିରୋଧରେ ନାନାଦି କଥା ହେଉଛନ୍ତି । ହେଲେ ଆପଣ ଏମିତି କାହିଁକି କରନ୍ତି ମହାରାଜ ? ଏପରି କରିବା ଭିତରେ କି ସିଦ୍ଧାନ୍ତ ଅଛି ଆଜ୍ଞା ? ଆମକୁ ଟିକେ ବୁଝାଇ କୁହନ୍ତୁ ।

ସାଧୁ ବିଦ୍ୟାପତି କହିବା ଆରମ୍ଭ କଲେ- ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ତାଙ୍କ ସାକାର ରୂପ ପ୍ରତି ଭଲ ପାଇବା ବଢ଼ାଇବାକୁ ହେବ । କେବଳ ସେତିକି ନୁହେଁ, ତାଙ୍କ ସହ ଯେ କୌଣସି ସାଂସାରିକ ସମ୍ପର୍କରେ ତାଙ୍କୁ ବାନ୍ଧି ରଖିବାକୁ ପଡିବ । ଉଦ୍ଧବ, ଅର୍ଜୁନ ପ୍ରଭୃତି ଭକ୍ତମାନେ ଶ୍ରୀକୃଷ୍ଣଙ୍କୁ ସଖା ରୂପେ ଆଦରି ନେଇଥିଲେ । ମୀରା ବାଇ ଗିରିଧର ଗୋପାଳଙ୍କୁ ସ୍ୱାମୀ ରୂପେ ମାନି ନେଇଥିଲେ । ରାମ, କୃଷ୍ଣ, ଜଗନ୍ନାଥ ଆଦିଙ୍କୁ କିଏ ପିତା, କିଏ ବଡ଼ ବା ସାନ ଭାଇ ବୋଲି ଭାବି ବସନ୍ତି । ଏମିତି ହେଲେ ଭଗବାନଙ୍କ ସହିତ ସମ୍ପର୍କଟା ଧୀରେ ଧୀରେ ସୁଦୃଢ଼ ହୁଏ ।

– ହେଲେ ଆପଣ ପ୍ରଭୁ ଶ୍ରୀରାମଙ୍କୁ କେଉଁ ସମ୍ପର୍କରେ ବାନ୍ଧି ରଖିଛନ୍ତି ଯେ ଆପଣ ପିନ୍ଧିଥିବା ମାଳକୁ ସେ ଗ୍ରହଣ କରୁଛନ୍ତି ? ଆଗନ୍ତୁକ ଭକ୍ତମାନେ ପ୍ରଶ୍ନ କଲେ ।

– ମୁଁ ତାଙ୍କୁ ମୋ ଶିଷ୍ୟ ବୋଲି ମନେ କରେ । ମୁଁ ତା'ର ଗୁରୁ । ଗୁରୁଙ୍କୁ ଲାଗି ହୋଇଥିବା ଛଡା ମାଳ ପାଇବାକୁ ଶିଷ୍ୟ ପୂରା ହକ୍‌ଦାର ।

ଏକଥା ସବୁଆଡେ ରାଷ୍ଟ୍ର ହୋଇଗଲା । ନିନ୍ଦୁକ ଅନ୍ୟ ସାଧୁ ସନ୍ଥ ତଥା ଅନ୍ୟମାନେ ଆହୁରି ଆଶ୍ଚର୍ଯ୍ୟ ହେଲେ- ଇଏ ପରା ରାମଚନ୍ଦ୍ରଙ୍କର ଗୁରୁ ! ପୂରା ବଶିଷ୍ଠ ହଁ ପୂରା ବିଶ୍ୱାମିତ୍ର । ଆଉ ଦିନେ ସଭିଏ ଏକାଠି ହୋଇ ସାଧୁ ବିଦ୍ୟାପତିଙ୍କ ଆଶ୍ରମକୁ ଆସି ତାଙ୍କୁ ଘେରିଲେ । ବିଦ୍ୟାପତି କହିଲେ, ଠିକ୍ ଅଛି । ଆଜି ପରୀକ୍ଷା ହୋଇଯାଉ । ଆପଣମାନେ ପହିଲେ ଫୁଲହାର ଗୁନ୍ଥି ଶ୍ରୀରାମଙ୍କ ବେକରେ ପକାନ୍ତୁ । ସେୟା ହେଲା । ସଭିଏଁ ମିଳିମିଶି ଏକ ଲମ୍ବା ଫୁଲହାର ତିଆରି କରି ବିଦ୍ୟାପତିଙ୍କ ଆଶ୍ରମରେ ଥିବା ରାଘବେନ୍ଦ୍ର ସରକାରଙ୍କ ବେକରେ ପକାଇଦେଲେ ।



କିନ୍ତୁ ବଡ଼ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ଫୁଲହାରଟି ପ୍ରଭୁଙ୍କ ଗଳାଦେଶରେ ପଡ଼ି ଦୁଇ ଖଣ୍ଡ ହୋଇ ଛିଣ୍ଡି ତଳେ ପଡ଼ିଲା । ସଭିଏ ଦେଖି ଆଶ୍ଚର୍ଯ୍ୟ ! କିଛି ବ୍ୟକ୍ତି ମାଳ ଭିତରେ ଥିବା ସୂତାଟି ଦୁର୍ବଳ ଥିବାର ମନେ କରି ଆଉ ଗୋଟିଏ ମୋଟା ସୂତାରେ ମାଳକୁ ଗୁନ୍ଥି ଶ୍ରୀରାମଙ୍କୁ ଅର୍ପଣ କଲେ । ଏଥରକ ବି ସମାନ ଘଟଣା ଘଟିଲା । ହାରଟି ଦୁଇ ଖଣ୍ଡ ହୋଇ ଛିଣ୍ଡି ପଡିଲା । ଏଥରକ ସଭିଏ ସାଧୁ ବିଦ୍ୟାପତିଙ୍କୁ ଚାହିଁଲେ । ବିଦ୍ୟାପତି ମାଳଟିକୁ ତଳୁ ଉଠାଇ ନିଜ ବେକରେ କିଛି ସମୟ ପାଇଁ ପକାଇଲେ । ପରେ ତାକୁ ବାହାର କରି ଶ୍ରୀରାମଙ୍କୁ ଅର୍ପଣ କଲେ । ଏଥରକ କିଛି ଅସୁବିଧା ହେଲାନି । ମାଳକୁ ପ୍ରଭୁ ଗ୍ରହଣ କଲେ । ଏ ଦୃଶ୍ୟକୁ ଚାକ୍ଷୁଷ ଦର୍ଶନ କରି ଉପସ୍ଥିତ ସଭିଏ ବିଦ୍ୟାପତିଙ୍କ ପାଦ ତଳେ ଲମ୍ଭ ହୋଇ ପଡିଗଲେ ।

ପାଠକେ ! ଇୟେ ଆଜ୍ଞା ଅନ୍ୟ କୋଉ ଯୁଗର କଥା ନୁହେଁ ଖୋଦ କଳି ଯୁଗର କଥା । ଆମରି ସମୟର କଥା । ଗୋଟିଏ ପ୍ରଶ୍ନ- ଶ୍ରୀରାମ ପ୍ରକୃତରେ କ'ଣ ଗ୍ରହଣ କଲେ ? ଫୁଲକୁ ନା ଭାବକୁ ? ଉତ୍ତର ଆସିବ- ଭାବକୁ । ଯଦି ମନରେ ଭାବ ନାହିଁ, ତେବେ ପ୍ରଭୁ ଆମ ପ୍ରଦତ୍ତ ଦ୍ରବ୍ୟକୁ ଆଡ଼ ଆଖିରେ ବି ଅନେଇବେ ନାହିଁ । ଆମେ ଯେଉଁ ଫୁଲ ଦେଇ ଠାକୁର ଘରେ ବା ମନ୍ଦିରରେ ପୂଜା କରୁଛୁ, ତାହା ଆମ ବାଡ଼ି ଫୁଲ ନା ଚୋରି ଫୁଲ ? ରାତି ପାହିଲେ ଅନେକ ଲୋକ ମର୍ନିଂ ୱାକ୍ କରୁଥିବା ବେଳେ ହାତରେ ଏକ ଲମ୍ବା କେଞ୍ଚା ବାଡ଼ି ଧରି ବୁଲୁଥିବାର ଆପଣମାନେ ଦେଖୁଥିବେ । ସେ ବାଡ଼ିର କାମ କ'ଣ ? ବାଟରେ ଯାଉଥିବା ବେଳେ କାହା ବାଡ଼ି ବଗିଚାରେ ଫୁଟିଥିବା ଫୁଲ ଯଦି ହାବୁଡ଼ରେ ପଡିଗଲା, ତେବେ ସେତେବେଳେ ହିଁ ବାଡ଼ିଟା କାମରେ ଆସିବ । ଲୋକଟିଏ କେତେ କଷ୍ଟରେ ତା' ବାଡ଼ିରେ ବା ବାଲକୋନିରେ ଫୁଲ ଲଗାଇଥିବ । ଫୁଟିଥିବା ଫୁଲକୁ ଦେଖି ସେ ଆନନ୍ଦ ହେବା ପୂର୍ବରୁ ଆପଣ ଚୋରି କରି ନେଇ ଗଲ । ଏଥିରେ ଠାକୁର ଖୁସି ହେବେ ବୋଲି ଯଦି କିଏ ଭାବୁଥାଏ, ତେବେ ତା' ଠାରୁ ନିର୍ବୋଧ ବ୍ୟକ୍ତି ଏ ସଂସାରରେ ଆଉ କେହି ନାହାନ୍ତି । ନିଜେ ତ ଚୋରି କଲ, ସେଥିରେ ଠାକୁରଙ୍କୁ ଚୋରିରେ ଫସାଇଲ । ଆଜିକାର ଦୁନିଆରେ ଚୋରଟିଏ ମୋବାଇଲଟିଏ ଚୋରି କରି ଅନ୍ୟ ଜଣଙ୍କୁ ବିକିଦେଲା । ପୋଲିସ କାହାକୁ ବାନ୍ଧିବ- ଚୋରକୁ ନା ମୋବାଇଲ କ୍ରେତାଙ୍କୁ ? ଯିଏ ମୋବାଇଲ ଚୋରି କଲା ସିଏ ଯେତିକି ଅପରାଧୀ, ଯିଏ ଚୋରି ଜିନିଷକୁ କିଣିଲା ସିଏ ବି ସମାଧିକ ଅପରାଧୀ । ଚୋରି ଜିନିଷ କିଣିବା ଅଭିଯୋଗରେ ପୋଲିସ ଚୋର ସହ କ୍ରେତାକୁ ଥାନାକୁ ଉଠାଇ ଆଣିବ । ନିତି ସକାଳୁ ଫୁଲ ଚୋରି କରୁଥିବା ଲୋକମାନେ ଏ କଥାକୁ କେବେ ଟିକେ ଭାବିଛନ୍ତି ? ଠାକୁରଙ୍କୁ ଫୁଲ ଅର୍ପଣ କରିବାର କୌଣସି ଆବଶ୍ୟକତା ନାହିଁ । ସେ ସେଗୁଡ଼ିକୁ ଆଦୌ ଚାହାନ୍ତି ନାହିଁ । ଯଦି ଦେବାର ଅଛି ତେବେ ତାଙ୍କୁ 'ଭାବ' ର ଫୁଲ ଦିଅ । ସେ ହେଉଛନ୍ତି ଭାବର ଭୁଖା ।

ଫୁଲଟି ଗଛରେ ରହିଲେ ସୁନ୍ଦର । ତାକୁ ନ ଛିଣ୍ଡେଇ ଥିଲେ ଦିନସାରା ତା' ସୌନ୍ଦର୍ଯ୍ୟରେ ସେ ଅନେକ ଦେଖେଣାହାରୀଙ୍କ ମନରେ ପ୍ରଫୁଲ୍ଲତା ଭରି ଦେଇଥାନ୍ତା । ଛିଣ୍ଡେଇଦେବାର ମାତ୍ର କିଛି ମିନିଟ୍ ପରେ ତା'ର ସତେଜତା ନଷ୍ଟ ହୋଇଯାଏ । ସତେ କି ସେ ଆତ୍ମହତ୍ୟା କରିଦେଇଛି ବୋଲି ଲାଗେ ।

ଇୟେ ହେଉଛି ଖ୍ରୀଷ୍ଟୀୟ ନବ ବର୍ଷ । ଏଥିରେ ନୂତନତା କିଛି ହିଁ ନ ଥାଏ । ପୂର୍ବରୁ କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରଟିକୁ ଦୂରକୁ ଠେଲି ଦେଇ ଆଉ ଗୋଟିଏ ନୂଆ କ୍ୟାଲେଣ୍ଡର ତା' ସ୍ଥାନକୁ ମାଡ଼ିବସେ । ବାସ୍, ଏତିକି । ଆଉ କିଛି ବି ନୂଆ ନୁହେଁ । ସନାତନୀମାନଙ୍କ ନୂଆବର୍ଷ ହେଉଛି ଚୈତ୍ର ଶୁକ୍ଳ ପ୍ରତିପଦା । ସେତେବେଳେ ପ୍ରକୃତିର ସବୁ ନୂଆ ଥାଏ । ସେ ବିଷୟରେ ପରେ କେବେ ଆଲୋଚନା କରିବା । ଯଦିଓ ଜାନୁଆରୀ ୧ ତାରିଖକୁ ନୂଆବର୍ଷ ବୋଲି ମାନି ଆମେ ବେଶ୍ ଗହଳ ଚହଳ କରୁଛେ, ସେଦିନ ଭୋଜିଭାତ ହେଉ, ନାଚ ଗୀତ, ବୁଲାବୁଲି, ଅୟସ ହେଉ । ତା' ସହିତ ନିଜ ଜୀବନ ପାଇଁ ଗୋଟିଏ ଲେଖା ନୂଆ ସଂକଳ୍ପ ଟିଏ ଆପଣା ଯାଉ । ନାଚ ଗୀତରେ ଜୀବନକୁ କିଛି ସମୟ ପାଇଁ ଖୁସି ମିଳେ କିନ୍ତୁ ଜୀବନଟା ସମୃଦ୍ଧ ହୁଏନି । ନୂତନ ସଂକଳ୍ପ, ଆଦର୍ଶ ବା ଭଲ ଗୁଣକୁ ନିଜ ବ୍ୟକ୍ତିତ୍ୱରେ ସମାହିତ କରିବାରେ ହିଁ ଥାଏ ଜୀବନର ଅସଲ ଆନନ୍ଦ । ନବବର୍ଷରେ ଏଇ ନୂଆ ସଂକଳ୍ପଟିଏ ନେବା । ଏକ- ଗଛରୁ ଫୁଲ ନ ତୋଳି ଅନେକ ଦେଖେଣାହାରୀଙ୍କ ଆନନ୍ଦବର୍ଦ୍ଧନ ନିମନ୍ତେ ତାକୁ ଛାଡ଼ିଦେବା । ଦୁଇ- ଯଦି ଠାକୁର ପୂଜାରେ ଫୁଲ ଲଗାଉଛ, ତେବେ ଚୋରି କରି ନୁହେଁ ବରଂ ବଜାରରୁ କ୍ରୟ କରି କିମ୍ବା ନିଜ ବଗିଚାରୁ ନିଜେ ଲଗାଇଥିବା ଗଛରୁ ଫୁଲ ସଂଗ୍ରହ କରି ଠାକୁରଙ୍କୁ ଅର୍ପଣ କରିବା । ତିନି - ତାହା କିନ୍ତୁ 'ଭାବ' ଓ 'ଭକ୍ତି'ର ସହ କରିବା, ଯେମିତିକି ଦରକାର ପଡିଲେ ଆମ 'ଭାବ'ର ପ୍ରମାଣ ସନ୍ଥ ବିଦ୍ୟାପତିଙ୍କ ପରି ଅନ୍ୟମାନଙ୍କୁ ଦେଖାଇ ଦେଇ ପାରିବା ।

ଏସବୁ କିଛି ନ ଥାଇ କେବଳ ଅନ୍ୟ କିଏ ଫୁଲ ନେଇଯିବ ବୋଲି ରାତି ଅଧରୁ କେଞ୍ଚା ଧରି ଅନ୍ୟ ବାଡ଼ିରୁ ଫୁଲ ଚୋରି କରି ଆଣି ନିଜ ଠାକୁରଙ୍କ ଆସ୍ଥାନରେ ଆବଶ୍ୟକତା ଠାରୁ ଅଧିକ ଫୁଲ ଠାକୁରଙ୍କ ନାକେ ଉଚ୍ଚ ପର୍ଯ୍ୟନ୍ତ ଗଦେଇ ଦେଲେ ତୁମ ଠାକୁର ଅଣନିଃଶ୍ୱାସୀ ହୋଇ ତୁମକୁ ଅଭିଶାପ ଦେବେ ସିନା କେବେ ବି ଆଶୀର୍ବାଦ କରିବେ ନାହିଁ ।


– *ସମ୍ପାଦକ, ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ',*
*ତେଲେଙ୍ଗାପେଣ୍ଠ, କଟକ ମୋ:୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ମାଟି ମହକ

**କବି-ପ୍ରଭାତ କୁମାର ସାହୁ, ପ୍ରକାଶକ- ବିଦ୍ୟା ପବ୍ଲିଶିଙ୍ଗ, ଟରୋଣ୍ଟୋ, କାନାଡା, ମୂଲ୍ୟ- ୨୫୦ ଟଙ୍କା**


'ମାଟି ମହକ'ପୁସ୍ତକରେ ୧୨୧ଟି କବିତା ପ୍ରକାଶିତ ହୋଇଛି । ଚାଳଘରଠାରୁ ଆରମ୍ଭ ହୋଇ ମାଟିର ବିଦ୍ରୋହରେ ଶେଷ ହୋଇଛି । ଲେଖକ ପ୍ରଭାତ କୁମାର ସାହୁ ତାଙ୍କ କବିତାଗୁଡ଼ିକରେ ଗାଁ ମାଟି, ପାଣି ପବନକୁ ଆଦରି ନେଇଛନ୍ତି । ଲେଖକ କବିତାଗୁଡିକରେ ସ୍ୱପ୍ନ ଦେଖନ୍ତି ବିପ୍ଳବ ବିବର୍ତ୍ତନର ଅଥବା ସମାଜ ପଲ୍ଲୀ ପ୍ରକୃତିର, ପ୍ରେମର ସବୁଜ ବଳୟ ତଥା ଶିଶୁ ଅଥବା କୈଶୋରର । ସାମ୍ପ୍ରତିକ ସମାଜର ନଗ୍ନ ଛବିକୁ ଅବଲୋକନ କରି ଆଜି ଜଣେ ଲେଖକଙ୍କର ହୃଦୟରେ ବିଦ୍ରୋହର ବହ୍ନି ଜାଗି ଉଠିଛି । ଲେଖକ 'ଭବିଷ୍ୟ ବିପଦ ଜାଣ' କବିତାରେ ଲେଖିଛନ୍ତି, ଆମ ହାଣ୍ଡିଶାଳ ଗୁଣ୍ଡା କବଳରେ ପୁଞ୍ଜିପତି ନାଳିଆଖି, ଆମ ଢିଙ୍କିଶାଳ ଛାଡୁଛି ବୋବାଳି, ସର୍ବହରା ଭୋକଚାଖି । ଲେଖକ ଏଠି କ୍ଷୋଭ ପ୍ରକାଶ କରୁଛନ୍ତି । ସେ କହୁଛନ୍ତି ଆମ ପାଖରେ ସବୁ ଥାଇ ଆମେ ବାହାରକୁ ଦାଦନ ଖଟିବାକୁ ଯାଇ ସେଠାରେ ପ୍ରାଣ ହରାଉଛେ । ଆମ ହାଣ୍ଡିଶାଳ ଚୁଲି ଠିକ୍ ଜଳୁନି, ଗୁଣ୍ଡା କବଳିତ ହୋଇ ସବୁ ଶୋଷୁଛନ୍ତି ବିଭିନ୍ନ ବାଟରେ । ପୁସ୍ତକଟି ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ଆଶା ।




### ବିଦ୍ୟାନଗରୀର ମହାନ୍ ସାଧକ: ସାମନ୍ତ ଚନ୍ଦ୍ରଶେଖର

**ଲେଖକ-ପ୍ରଫେସର ଡ.ପ୍ରେମାନନ୍ଦ ମହାପାତ୍ର, ପ୍ରକାଶକ: ସତ୍ୟନାରାୟଣ ବୁକ୍‌ଷ୍ଟୋର ବିନୋଦବିହାରୀ, କଟକ-୨, ମୂଲ୍ୟ:୨୧୦ଟଙ୍କା**

ସାମନ୍ତ ଚନ୍ଦ୍ରଶେଖର ଥିଲେ ନିଜେ ନିଜର ପରିଚୟ । ସେ ଉପାଧିପାଇଁ ଲାଳାଇତ ନ ଥିଲେ । ଉପାଧି ତାଙ୍କ ପଛରେ ଗୋଡ଼ାଉଥିଲା । କବିବର ରାଧାନାଥ ରାୟଙ୍କ ଦୃଷ୍ଟିରେ 'ସିଦ୍ଧାନ୍ତ ଦର୍ପଣ' ଏକ ଅମର କୃତି । ସେହିଯୋଗୁ କବିବର ଲେଖିଛନ୍ତି ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ/ନରଦେହେ ଥିବ ଯାବତ ହୃଦୟ । ସାମନ୍ତ ଚନ୍ଦ୍ରଶେଖର ନିଜର ଅସାମାନ୍ୟ ଜ୍ୟୋତିଷଜ୍ଞାନ ଯୋଗୁ ସମଗ୍ର ଓଡ଼ିଶାରେ ବେଶ୍ ଚର୍ଚ୍ଚିତ ଥିଲେ । ମୁକ୍ତିମଣ୍ଡପ ସଭାରେ ମଧ୍ୟ ସେ ତାଙ୍କ ଜ୍ଞାନର ପରୀକ୍ଷା ଦେଇଥିଲେ । ଓଡ଼ିଶାର ତତ୍କାଳୀନ ମହାରାଜା ମୁକୁନ୍ଦଦେବ ସାମନ୍ତଙ୍କ ପ୍ରତିଭାକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ତାଙ୍କୁ 'ହରିଚନ୍ଦନ ମହାପାତ୍ର' ଉପାଧିରେ ଭୂଷିତ କରିଥିଲେ । ସାମନ୍ତ ଚନ୍ଦ୍ରଶେଖର ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ ଓ ବରାହମିହିର ଆଦିଙ୍କ ଗ୍ରନ୍ଥ ସବୁ ଅଧ୍ୟୟନ କରିବା ସହିତ ନିଜର ସିଦ୍ଧାନ୍ତକୁ ତାଙ୍କର ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥରେ ପ୍ରତିପାଦନ କରିଥିଲେ । ଗ୍ରନ୍ଥଟି ପାଠକାଦୃତି ଲାଭ କରିବ ବୋଲି ଆଶା ।



# କ୍ୱାଇଁଙ୍କୁ କୂଅରେ ଫୋପାଡ଼ିବା ପରମ୍ପରା

**ଭା**ରତରେ ଅନେକ ଜାତି, ଧର୍ମର ଲୋକ ବସବାସ କରନ୍ତି। ତେଣୁ ଏଠାରେ ନାନା ପ୍ରକାରର ପରମ୍ପରା ଦେଖିବାକୁ ମିଳେ। ଏହିସବୁ ପରମ୍ପରା ମଧ୍ୟରେ ଗୋଆର ଗୋଟିଏ ପରମ୍ପରା ବେଶ୍ ଅଜବ, ଯାହାକୁ ଦେଖିଲେ ଯେ କେହି ପ୍ରଥମ ନଜରରେ ଚକିତ ହୋଇଯିବେ। ଏଠାରେ ପ୍ରତିବର୍ଷ ଜୁନ ମାସରେ ସାଓ ଜୋଆଓ ନାମକ ଏକ ଖାସ୍ ପର୍ବ ପାଳନ ହୁଏ। ଏହି ପର୍ବ ଖାସ୍‌କରି ଉତ୍ତର ଗୋଆର ଗାଁରେ ବଡ଼ ଉତ୍ସାହର ସହ ପାଳନ କରାଯାଏ। ହେଲେ ଏହି ପରମ୍ପରା ବେଶ୍ ଅଜବ। କାରଣ ସାଧାରଣତଃ ଘରର କ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ଖୁବ୍ ଆଦର ସତ୍କାର କରନ୍ତି। ନାନା ପ୍ରକାରର ବ୍ୟଞ୍ଜନ ଖୁଆନ୍ତି। ସ୍ନେହ ଆଦର କରନ୍ତି। ହେଲେ ଏଠାରେ ବାହାଘର ପରେ ନୂଆ କ୍ୱାଇଁଙ୍କୁ କୂଅ କିମ୍ବା ପୋଖରୀ ଭିତରକୁ ଠେଲି ଦିଆଯାଏ। ଭାରି ଅଜବ ଲାଗେ ଏହି ପରମ୍ପରା। ହେଲେ ଏହି ପରମ୍ପରା ସହ ଗଭୀର ସାଂସ୍କୃତିକ ଓ ଧାର୍ମିକ ମାନ୍ୟତା ଜଡ଼ିତ ରହିଛି। କୁହାଯାଉଛି ଏହି ସାଓ ଜୋଆଓ ପରମ୍ପରାକୁ ସେଣ୍ଟ ଜନ୍ ଦ ବାପ୍ଟିଷ୍ଟଙ୍କ ସ୍ମୃତିରେ ପାଳନ କରାଯାଉଛି। ମାନ୍ୟତା ଅଛି କି ସେଣ୍ଟ ଜନ୍ ପାଣିରେ ବୁଡ ପକାଇ ଲୋକଙ୍କୁ ନୂଆ ଜୀବନ ଓ ନୂଆ ଆରମ୍ଭର କରିବାକୁ ସନ୍ଦେଶ ଦେଉଥିଲେ। ସେହି ବିଶ୍ୱାସକୁ ଆଧାର କରି ପାଣିକୁ ଶୁଦ୍ଧତା, ଜୀବନ ଓ ନୂଆ ସମ୍ପର୍କ ଆରମ୍ଭର



ପ୍ରତୀକ ମଣାଯାଇ ଉକ୍ତ ପରମ୍ପରା ପାଳନ କରାଯାଉଛି। ସ୍ଥାନୀୟ ଲୋକଙ୍କ ମାନ୍ୟତା ହେଉଛି ପାଣିରେ ବୁଡ଼ ପକାଇଲେ ନୂଆ ବରର ଜୀବନରେ ସମୃଦ୍ଧି ଆସିଥାଏ। ବୈବାହିକ ଜୀବନର ଆରମ୍ଭ ଶୁଭଙ୍କର ହୋଇଥାଏ। ତା'ଛଡ଼ା ଏହି ପରମ୍ପରା ମାଧ୍ୟମରେ କ୍ୱାଇଁଙ୍କର ସ୍ୱଭାବ, ଊର୍ଜା ଓ ତାଙ୍କ ମଜାଳିଆ ସ୍ୱଭାବକୁ ଚିହ୍ନିହୁଏ। ଜଣାପଡ଼େ ବର ପରିବାର ଓ ସମାଜ ସହ କେତେ ଶୀଘ୍ର ମିଶି ପାରୁଛନ୍ତି। ପାଣିକୁ ଡେଇଁବାର ଏହି ପରମ୍ପରା ସ୍ୱାଗତର ପ୍ରତୀକ ଭାବେ ବି ଗ୍ରହଣ କରାଯାଏ। ଏହା ଦର୍ଶାଏ ଯେ, ବର ନୂଆ ପରିବାର ଓ ସମୁଦାୟକୁ ହୃଦୟରୁ ସ୍ୱୀକାର କରୁଛନ୍ତି। ଆଉ ତାଙ୍କ ସହ ଏକ ନୂଆ ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତ ଅଛନ୍ତି।

# କୁକୁର ପିଠିରେ ବସି ମାଙ୍କଡ଼ କରୁଛି ରେସ୍

ବ୍ୟାକ୍ ପେଜ୍





**ଘୋ**ଡ଼ା ପିଠିରେ ମଣିଷ ବସି ରେସ୍ କରୁଥିବା ତ ସମସ୍ତେ ଦେଖିଛନ୍ତି। ହେଲେ ଆମେରିକାର ଜର୍ଜିଆ ଷ୍ଟେଟ ଫେୟାରରେ ଦେଖିବାକୁ ମିଳେ ଏକ ଅଜବ ରେସ୍। ଏହି ରେସ୍‌ରେ ଘୋଡ଼ା ସ୍ଥାନରେ ଥାଏ କୁକୁର ଓ ମଣିଷ ସ୍ଥାନରେ ରହେ ମାଙ୍କଡ଼। ହଁ କୁକୁର ପିଠି ଉପରେ ମାଙ୍କଡ ବସି ରେସ୍ କରେ, ଯାହା ବାନାନା ଡର୍ବି ଶୋ' ଭାବେ ପରିଚିତ। ଏହି ରେସ୍ ଆମେରିକାର ଜର୍ଜିଆ ଷ୍ଟେଟ୍ ଫେୟାର୍‌ରେ ଆୟୋଜିତ ହୁଏ । ଏଥିରେ ଛୋଟ କାପୁଚିନୋ ପ୍ରଜାତିର ମାଙ୍କଡ଼ଗୁଡିକ ଜକି ବା ପେସାଦାର ଘୋଡାଚାଳକର ପୋଷାକ ପିନ୍ଧି କୁକୁର ପିଠିରେ ବସନ୍ତି। କୁକୁର ଏକ ଟ୍ରାକ୍ ଚାରିପଟେ ଦୌଡ଼ିଥାଏ। ଆଉ ମାଙ୍କଡ଼ ପିଠିରେ ଆରାମରେ ବସିଥାଏ। କୁକୁର ମାଙ୍କଡ଼ର ଏହି ରେସ୍‌କୁ ଦର୍ଶକ ଖୁବ୍ ଉପଭୋଗ କରନ୍ତି। ଏହା ଏକ ହାଲ୍‌କା ଫୁଲ୍‌କା ପାରିବାରିକ ରେସ୍। ଏହା ଦର୍ଶକଙ୍କର ଖୁବ୍ ମନୋରଞ୍ଜନ କରିଥାଏ। ଦର୍ଶକ ଖୁବ୍ ହସନ୍ତି। ତେବେ ପେଟା ଓ ହ୍ୟୁମେନ ସୋସାଇଟି ଭଳି ପଶୁ କଲ୍ୟାଣ ସଂଗଠନ ଏହି ରେସ୍‌ର କଡ଼ା ସମାଲୋଚନା କରନ୍ତି। ଏହି ରେସ୍ ମାଙ୍କଡ଼ଙ୍କ ପାଇଁ ଅପ୍ରାକୃତିକ ଓ ଚାପଭରା ଅଟେ ବୋଲି ଦାବି କରନ୍ତି। କାରଣ ଏହି ରେସ୍ ପାଇଁ ମାଙ୍କଡ଼ଙ୍କୁ କୁକୁର ପିଠିରେ ପଟି ଦ୍ୱାରା ବାନ୍ଧି ବସାଯାଇଥାଏ। କୁକୁର ବି ଖୁସିରେ ରେସ୍ କରନ୍ତି ନାହିଁ। ତା'ସହ କାପୁଚିନୋ ମାଙ୍କଡ଼ଙ୍କୁ ଡରାଇ ମଣିଷ ସହ ଫଟୋ ଉଠାଇବାକୁ ବାଧ୍ୟ କରାଯାଏ। ଫଳରେ ମାଙ୍କଡ଼ଙ୍କ ମନରେ ଭୟ ଓ ଚାପର ଲକ୍ଷଣ ଦୃଶ୍ୟମାନ ହୁଏ। ତେଣୁ ଏହି ରେସ୍‌ର ଆୟୋଜନ ଏବେ ବହୁତ କମ୍ ହେଉଛି।





# ଷ୍ଟିକର ବଲ୍

**ଫୁ**ଲ, କାର୍ଟୁନ ଚରିତ୍ରରୁ ଆରମ୍ଭ କରି ନାନା ପ୍ରକାରର ଷ୍ଟିକର ଦେଖିଥିବେ। ପିଲାମାନଙ୍କୁ ବହୁତ ଭଲ ଲାଗେ ଏହି ଷ୍ଟିକର୍ ସବୁ। ବହି ଖାତାଠୁ ଆରମ୍ଭ କରି ଦେହରେ ବି ଲଗାଇଥାନ୍ତି ଷ୍ଟିକରକୁ। ହେଲେ ଜଣେ ବ୍ୟକ୍ତି ଏଇ ସାଧାରଣ ଷ୍ଟିକରକୁ ନେଇ ଏକ ଅଜବ ରେକର୍ଡ କରିଛନ୍ତି। ଜନ୍ ଫିଶର୍ ନାମକ ଏହି ବ୍ୟକ୍ତି ଷ୍ଟିକରରେ ଏକ ବିରାଟକାୟ ବଲ୍ ତିଆରି କରି ଉକ୍ତ ରେକର୍ଡ କରିଛନ୍ତି। ସେ ପ୍ରାୟ ୨୦୦,୦୦୦ ଷ୍ଟିକରକୁ ବ୍ୟବହାର କରି ୧୦୫.୦୫ କେ.ଜି.ର ଏକ ବଲ୍ ତିଆରି କରିଛନ୍ତି, ଯାହାକୁ ପୃଥିବୀର ସବୁଠାରୁ ବଡ଼ ଷ୍ଟିକର ବଲ୍ କୁହାଯାଉଛି। ଏହି ବଲ୍‌କୁ ଜଣେ ବ୍ୟକ୍ତି ଉଠାଇବା ସମ୍ଭବ ନୁହେଁ। ଆମେରିକାର ପ୍ରଥମ ନ୍ୟାଶନାଲ ଷ୍ଟିକର ଡେ'କୁ ସମ୍ମାନିତ କରିବା ଲାଗି ଜନ୍ ଏହି ରେକର୍ଡ କରିଥିଲେ।